Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୩
Volum. - 22 ■ Issue No.- 03
Sunday ■ Balangir
ରବିବାର ■ ବଲାଙ୍ଗିର


KOSHALA PRABAHA

କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୨୧ ନଭେମ୍ବର - ୨୭ ନଭେମ୍ବର ୨୦୨୧ / 21 Nov. - 27 Nov. 2021 / Odia Weekly / 8 Pages / Rs.2/- only

# ଚନ୍ଦ୍ରବାବୁ ନାଇଡୁ ଶପଥ ନେଲେ : 'ମୁଁ କ୍ଷମତାକୁ ଫେରିବା ପରେ ହିଁ ବିଧାନସଭାରେ ପାଦ ଦେବି'



ଅମରାବତୀ : ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସଭାପତି ଏନ୍ ଚନ୍ଦ୍ରବାବୁ ନାଇଡୁ କ୍ଷମତାକୁ ନଆସିବା ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ବିଧାନସଭା ଗୃହକୁ ଆସିବେ ନାହିଁ ବୋଲି ଶପଥ ନେଇଛନ୍ତି । ବିରୋଧୀ ଦଳର ଜଣେ ଭାବପ୍ରବଣ ନେତା ଗୃହରେ କହିଛନ୍ତି ଯେ, ଶାସକ ୱାଇଏସ୍ଆର୍ କଂଗ୍ରେସ ସଦସ୍ୟମାନେ ତାଙ୍କ ବିରୋଧରେ ଲଗାତାର ଅପଶବ୍ଦ ବ୍ୟବହାର କରିଥିବାରୁ ସେ ଆହତ ହୋଇଥିଲେ । ନାଇଡୁ କହିଛନ୍ତି, ଗତ ଅଢ଼େଇ ବର୍ଷ ଧରି ମୁଁ ଅପମାନର ସମ୍ମୁଖୀନ ହୋଇଥିଲି, ତଥାପି କିନ୍ତୁ ଶାନ୍ତ ରହିଥିଲି । ଆଜି ସେମାନେ ମୋ ପତ୍ନୀଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି । ମୁଁ ସର୍ବଦା ସମ୍ମାନର ସହ ଏବଂ ସମ୍ମାନ ପାଇଁ ଛିଡା ହୋଇଛି । ମୁଁ ଆଉ ଏହାକୁ ବରଦାସ୍ତ କରି ପାରିବି ନାହିଁ ।

ବାଚସ୍ପତି ତାମିନେନି ସୀତାରାମ ତାଙ୍କର ମାଇକ୍ କଣ୍ଟ୍ରାକ୍ଟ କାଟିବା ପରେ ମଧ୍ୟ ନାଇଡୁ କଥା କହିବା ଜାରି ରଖିଥିଲେ । କହିଥିଲେ, ଶାସକ ଦଳର ସଦସ୍ୟମାନେ ନାଇଡୁଙ୍କ ମନ୍ତବ୍ୟକୁ ଏକ 'ନାଟକ' ବୋଲି କହିଛନ୍ତି । କୃଷି କ୍ଷେତ୍ର ଉପରେ ସଂକ୍ଷିପ୍ତ ଆଲୋଚନା ବେଳେ ଗୃହରେ ଉଭୟ ପକ୍ଷ ମଧ୍ୟରେ ତୀବ୍ର ଯୁକ୍ତିତର୍କ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପରେ ସେ ତାଙ୍କ ଚାମ୍ବରରେ ତାଙ୍କ ଦଳର ବିଧାୟକଙ୍କ ସହ ହଠାତ୍ ସାକ୍ଷାତ କରିଥିଲେ, ଯେଉଁଠାରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇପଡିଥିଲେ । ଚକିତ ଟିଡିପି ବିଧାୟକମାନେ ନାଇଡୁଙ୍କୁ ସାନ୍ତ୍ୱନା ଦେଇଥିଲେ, ଏହା ପରେ ସେମାନେ ସମସ୍ତେ ଘରକୁ ଫେରିଥିଲେ ।

# ମୁଣ୍ଡ ନୁଆଇଁଲେ ମୋଦୀ ସରକାର : ୩ ନୂଆ କୃଷି ଆଇନ ପ୍ରତ୍ୟାହାର



ନୂଆଦିଲ୍ଲୀ : ଶେଷରେ କୃଷକଙ୍କ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇଛନ୍ତି ମୋଦୀ ସରକାର । ବାଧ୍ୟ ହୋଇ ୩ ନୂଆ କୃଷି ଆଇନ ପ୍ରତ୍ୟାହାର କରିଛନ୍ତି । ଏସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଡ ଘୋଷଣା କରିଛନ୍ତି ।

ଶୀତ ଅଧିବେଶନରେ ଏନେଇ ସାମ୍ବିଧାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ଓ ଆନ୍ଦୋଳନରତ କୃଷକମାନେ ନିଜ ଘରକୁ ଫେରିଯାଆନ୍ତୁ ବୋଲି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, କୃଷି କ୍ଷେତ୍ରରେ ସୁଧାର ଏବଂ କୃଷକଙ୍କ କଲ୍ୟାଣ ପାଇଁ ଏହି ୩ ନୂଆ କୃଷି ଆଇନ ଅଣାଯାଇଥିଲା । କ୍ଷୁଦ୍ର ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏହି ଆଇନ ପ୍ରଣୟନ କରାଯାଇଥିଲା । ବର୍ଷ ବର୍ଷ ଧରି ଦେଶର କୃଷକ, ବିଶେଷଜ୍ଞ ଓ ଅର୍ଥଶାସ୍ତ୍ରୀମାନେ ଏହି ଆଇନ ଆଣିବାକୁ ଦାବୀ କରିଆସୁଥିଲେ । ସରକାର ଦେଶର କୃଷକ ଜଗତ ହିତ ପାଇଁ ଗ୍ରାମରେ ଥିବା ଗରିବଙ୍କ ହିତ ପାଇଁ ପୂର୍ଣ୍ଣ ସମର୍ଥ ଭାବରେ ଏହି ଆଇନ ଆଣିଥିଲେ । ହେଲେ ବୁଝାଇବା ସତ୍ତ୍ୱେ ଆମେ ଅସଲ ବିଷୟ ବୁଝାଇବାରେ ବିଫଳ ହେଲୁ । ତେଣୁ କୃଷକଙ୍କ ବିରୋଧକୁ ଦୃଷ୍ଟିରେ ରଖି ନୂଆ କୃଷି ଆଇନ ପ୍ରତ୍ୟାହାର କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି ।

# ଦୁଃଖର ବିଷୟ ଯେ, କୃଷି ଆଇନର ଲାଭ ବିଷୟରେ ଦେଶର କିଛି ଚାଷୀଙ୍କୁ ମନାଇବାରେ ସଫଳ ହୋଇପାରିଲୁ ନାହିଁ : ନରେନ୍ଦ୍ର ସିଂ ତୋମର



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କୃଷି ଆଇନ ପ୍ରତ୍ୟାହାର ଘୋଷଣା ଉପରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର କହିଛନ୍ତି ଯେ, ଏହି ସଂସ୍କାର ପରେ ଦେଶର କୃଷି କ୍ଷେତ୍ର ଲାଭ ପାଇବ ବୋଲି ପ୍ରଧାନମନ୍ତ୍ରୀ ନିରନ୍ତର ଚେଷ୍ଟା କରିଛନ୍ତି । ଏଥିପାଇଁ କିଛି କୃଷକ ଆପତ୍ତି ଉଠାଇଥିଲେ । ଆମେ ସେମାନଙ୍କୁ ମନାଇବା ପାଇଁ ଚେଷ୍ଟା କରିଥିଲୁ, କିନ୍ତୁ ଆମେ ସଫଳ ହୋଇ ନଥିଲୁ । ତେଣୁ ପ୍ରଧାନମନ୍ତ୍ରୀ ମୋଦୀ ଏହି ନିୟମକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ଆମେ ସ୍ୱାଗତ କରୁଛୁ ।

କୃଷି ମନ୍ତ୍ରୀ କହିଛନ୍ତି, ନୂତନ ଯୋଜନା ଆରମ୍ଭ ହୋଇଛି, ଯାହାର ଲାଭ ଆଜି ଚାଷୀଙ୍କୁ ଦିଆଯାଉଛି । ବହୁ ବର୍ଷ ଧରି ଅପେକ୍ଷା କରାଯାଇଥିଲା ଯେ ମୂଲ୍ୟ ୫୦ ପ୍ରତିଶତ ବୃଦ୍ଧି କରି ଏମଏସପି ଘୋଷଣା କରାଯିବା ଉଚିତ । ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ଓ କୃଷକମାନେ ଏହାର ଲାଭ ପାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସରକାର କ୍ରୟକୁ ପ୍ରାୟ ଦ୍ୱିଗୁଣିତ କରିଛନ୍ତି । ପୂର୍ବରୁ କେବଳ ଗହମ ଏବଂ ଧାନ କ୍ରୟ କରାଯାଉଥିଲା । କିନ୍ତୁ ମୋଦୀଙ୍କ ଉଦ୍ୟମରେ କପା, ଡାଲି, ତୈଳବୀଜ ଏବଂ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀର କ୍ରୟ ମଧ୍ୟ ଆରମ୍ଭ ହୋଇଛି ।

ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନା ସାରା ଦେଶରେ କ୍ଷୁଦ୍ର ଚାଷୀଙ୍କୁ ଆୟ ସହାୟତା ପାଇଁ ଘୋଷଣା କରାଯାଇଛି । ଏହି ଯୋଜନା ମାଧ୍ୟମରେ କୃଷକଙ୍କ ପକେଟକୁ ୧.୬୨ ଲକ୍ଷ କୋଟି ଟଙ୍କା ଅଣାଯାଇଛି ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହେଲେ କୋଟିପତି ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଅଫିସ୍ର ସେକ୍ସନ ଅଫିସର୍ ରମେଶ

ସୁବର୍ଣ୍ଣପୁର, (ନିପ୍ର) : ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କୋଟିପତି ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଅଫିସ୍ର ସେକ୍ସନ ଅଫିସର୍ ରମେଶ ପ୍ରସାଦ ନାଗଙ୍କ ଘରେ ଗତ ଗୁରୁବାର ଦିନ ଭିଜିଲାନ୍ସ ବିଭାଗ ରେଡ୍ କରିଥିଲା । ରମେଶଙ୍କ ଘର ଓ ଅଫିସ ଉପରେ ଭିଜିଲାନ୍ସ ରେଡ୍ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ତାଙ୍କ ନିକଟରୁ ପାଖାପାଖି ୧ କୋଟି ୩ଲକ୍ଷ ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଠାବ ହୋଇଥିବା ସୂଚନା ଦିଆଯାଇଛି । ତାଙ୍କର ବଲାଙ୍ଗିରରେ ୨ଟି କୋଠା ରହିଥିବା ଜଣାପଡ଼ିଛି । ବଲାଙ୍ଗିରରେ ୩ଟି ପ୍ଲଟ ଓ ସୋନପୁରରେ ରହିଛି ଗୋଟିଏ ପ୍ଲଟ । ଏଥିସହ ଗୋଟିଏ ଚାରି ଚକିଆ ଯାନ, ଦୁଇଟି ଦୁଇ ଚକିଆ ଯାନ ରହିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଛି । ଏହି ଚଢାଉରେ ୨ଜଣ ଡିଏସ୍ପି, ୫ଜଣ ଇନ୍ସପେକ୍ଟର ସାମିଲ ଥିବା ସୂଚନାରୁ ପ୍ରକାଶ । ତେବେ ଶ୍ରୀ ନାଗ ଏତିକି ସମ୍ପତ୍ତି କେଉଁଠୁ ପାଇଲେ, ତାର ସନ୍ତୋଷଜନକ ଉତ୍ତର ଭିଜିଲାନ୍ସ ସମ୍ମୁଖରେ ରଖିପାରିନଥିବା ଜଣାପଡିଛି । ସମ୍ବଲପୁର ଭିଜିଲାନ୍ସ କେସ୍ ନଂ. ୩୮/୧୯.୧୧.୨୦୨୧ ଆଧାରରେ ଶ୍ରୀ ନାଗଙ୍କ ନାମରେ ମାମଲା ରୁଜୁ ହୋଇଛି ଏବଂ ତାଙ୍କୁ ଗିରଫ କରାଯାଇ ବଲାଙ୍ଗିରର ଭିଜିଲାନ୍ସ ସ୍ପେସାଲ ଜଜ୍ଙ୍କ ପାଖରେ ହାଜର କରାଯାଇଥିବା ସୂଚନା ମିଳିଛି । ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାରେ କୁହାଯାଇଛି ।



# ବଲାଙ୍ଗିର ସହରରେ ବଢୁଛି ହିଂସା !

ବଲାଙ୍ଗିର, (କେପିଏନ୍ଏସ୍) : କିଛି ଦିନ ହେଲା ବଲାଙ୍ଗିର ସହରରେ ବଢ଼ିବାରେ ଲାଗିଛି ହିଂସାକାଣ୍ଡ ସହ ନାନା ପ୍ରକାର ବିଶୃଙ୍ଖଳିତ ପରିସ୍ଥିତି । କେତେବେଳେ ଲୁଟ୍ ତରାଜ୍ରେ ତ୍ରାହି ତ୍ରାହି ଡାକୁଛି ସହର ତ' ଆଉ କେତେବେଳେ ମମିତା ମେହେରଙ୍କ ହତ୍ୟାକାଣ୍ଡ ଭଳି ଘଟଣା ଲୋକଙ୍କୁ ଥରାଇ ଦେଉଛି । ପୁଣି କେତେବେଳେ କଫ୍ ସିରଫ୍ ମାଫିଆ ଓ ନିଶା କାରବାରରେ ଲିପ୍ତ ବ୍ୟକ୍ତିବିଶେଷଙ୍କ ଖୋଲମ୍ ଖୋଲା ପ୍ରଶାସନକୁ ଚ୍ୟାଲେଂଜ ବଲାଙ୍ଗିର ସହରର ଆଇନ ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ବିଚ୍ ରାସ୍ତାରେ ଗୁଣ୍ଡାଗର୍ଦ୍ଦି ମଧ୍ୟ ସୀମା ଟପିବାରେ ଲାଗିଛି । ନୂଆ ନୂଆ ଅପରାଧୀ ଦଳ ନୂଆ ନୂଆ ପ୍ଲାନ୍ରେ ଏବେ ଅପରାଧ କରୁଥିବା ବେଳେ ସେମାନଙ୍କୁ ଉଚିତ ପଦକ୍ଷେପ ସହ ରୋକିବା ପାଇଁ ପୋଲିସ ପ୍ରଶାସନରେ ଯେଉଁଭଳି ତତ୍ପରତା ଲୋଡ଼ା, ତାହା ନଜର୍କୁ ଆସୁଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି ।

# ନବଧା ଭକ୍ତି : ସ୍ମରଣ

ସ୍ୱର୍ଗତ୍ ଗୋକୁଳାନନ୍ଦ ଅଗସ୍ତିଶର୍ମା

ପ୍ରଭୁଙ୍କ ନାମ, ରୂପ, ଗୁଣ, ପ୍ରଭାବ, ଲୀଳା, ତତ୍ତ୍ୱ ଓ ରହସ୍ୟଭରା ଅମୃତମୟୀ କଥାମାନ ଯାହା ଶ୍ରଦ୍ଧା ଓ ପ୍ରେମପୂର୍ବକ ଶ୍ରବଣ କୀର୍ତ୍ତନ କରାଯାଇଅଛି, ତାହା ଚିନ୍ତନ କରିବା ଏବଂ ଏହି ରୂପେ ଚିନ୍ତନ କରୁଁ କରୁଁ ଆତ୍ମବିସ୍ମୃତ ହୋଇ ଭଗବାନଙ୍କ ରୂପଚିନ୍ତାରେ ଧ୍ରୁବଙ୍କ ପରି ମଗ୍ନ ହେବାକୁ ସ୍ମରଣ ଭକ୍ତି କହନ୍ତି ।

ଯଥାସମ୍ଭବ ନିର୍ଜନ ଓ ପବିତ୍ର ସ୍ଥାନରେ ସୁଖପୂର୍ବକ ସ୍ଥିର ସରଳ ଆସନରେ ବସି ଇନ୍ଦ୍ରିୟମାନଙ୍କୁ ବିଷୟରହିତ କରି କାମନା ଓ ସଂକଳ୍ପ ତ୍ୟାଗପୂର୍ବକ ପ୍ରଶାନ୍ତ ଓ ବୈରାଗ୍ୟଯୁକ୍ତ ଚିତ୍ତରେ ଅଥବା ଗମନାଗମନ ବେଳେ, ଉଠିବା ବସିବା ବେଳେ, ପାନ ଭୋଜନ ବେଳେ, ଶୟନ ବେଳେ, ସର୍ବ କର୍ମ କରି ମଧ୍ୟ ସ୍ୱାଭାବିକ ଶୁଦ୍ଧ ଓ ସରଳ ଭାବରେ ସଗୁଣ, ନିର୍ଗୁଣ, ସାକାର, ନିରାକାରଙ୍କ ତତ୍ତ୍ୱ ଜାଣି ଗୁଣ ଓ ପ୍ରଭାବ ସହିତ ଭଗବାନଙ୍କ ସ୍ୱରୂପ ଚିନ୍ତନ କରିବା, ଭଗବାନଙ୍କ ନାମ ମନେ ମନେ ସ୍ମରଣ କରିବା, ଭଗବାନଙ୍କ ଲୀଳାମାନ ସ୍ମରଣ କରୁଁ କରୁଁ ମୁଗ୍ଧ ହେବା, ଭଗବାନଙ୍କ ତତ୍ତ୍ୱ ଓ ରହସ୍ୟ ଜାଣିବାକୁ ତାଙ୍କ ଗୁଣ ଓ ପ୍ରଭାବ ଚିନ୍ତନ କରିବା ପୁଣି ଦିବ୍ୟସ୍ତୋତ୍ର ଓ ପଦମାନଙ୍କ ଦ୍ୱାରା ମନେ ମନେ ସ୍ତୁତି ଓ ପ୍ରାର୍ଥନା କରିବା - ଏହି ପ୍ରକାରେ ବିବିଧ ସ୍ମରଣ ଭକ୍ତି ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ହୋଇଅଛି ।

ପ୍ରଭୁଙ୍କଠାରେ ଅନନ୍ୟ ପ୍ରେମ ଜନ୍ମାଇ ତାଙ୍କୁ ପ୍ରାପ୍ତ ହେବା ଏହାର ଉଦ୍ଦେଶ୍ୟ ଅଟେ ।

ପ୍ରେମୀ ଭକ୍ତମାନଙ୍କଠାରେ ନାମ, ରୂପ, ଗୁଣ, ପ୍ରଭାବ ଆଦି ଅମୃତମୟୀ କଥାମାନ ଶ୍ରଦ୍ଧା ଓ ପ୍ରେମପୂର୍ବକ ଶ୍ରବଣ, ଭଗବତ୍‌ବିଷୟକ ଧର୍ମ ପୁସ୍ତକମାନ ପଠନ, ଭଗବାନଙ୍କ ନାମ, ଜପ ଓ କୀର୍ତ୍ତନ, ପଦ ଏବଂ ସ୍ତୋତ୍ରଦ୍ୱାରା ଅଥବା ଅନ୍ୟ କୌଣସି ପ୍ରକାରେ ଭଗବାନଙ୍କ ଧ୍ୟାନ ପାଇଁ କରୁଣ ଭାବରେ ସ୍ତୁତି-ପ୍ରାର୍ଥନା କରିବା, ଭଗବାନ ଓ ମହାପୁରୁଷମାନଙ୍କ ଆଜ୍ଞା ପାଳନ ଆଦି ଉପଯୁକ୍ତ ସ୍ମରଣ ଭକ୍ତି ପ୍ରାପ୍ତ ହେବାର ଉପାୟ ଅଟେ ।

କେବଳ ଉଲ୍ଲିଖିତ ସ୍ମରଣ ଭକ୍ତିରେ ମଧ୍ୟ ସମଗ୍ର ପାପ, ଦୁର୍ଗୁଣ ଓ ଦୁଃଖ ଅତ୍ୟନ୍ତ ଅଭାବ ହୋଇଯାଏ । ଭଗବତ୍ ସ୍ମରଣ ଦ୍ୱାରା ମନୁଷ୍ୟର ମନୋରଥ ସିଦ୍ଧ ହୁଏ । ଏଥିରେ ଅତିଶୀଘ୍ର ଓ ସହଜରେ ଭଗବତ୍-ପ୍ରାପ୍ତି ରୂପ ପରମ ଶାନ୍ତି ଲାଭ ହୋଇଯାଏ । ଶ୍ରୁତି, ସ୍ମୃତି, ଇତିହାସ, ପୁରାଣ ଓ ସନ୍ଥ ମହାତ୍ମାଗଣ ସମସ୍ତେ ଏକ ସ୍ୱରରେ ଭଗବତ୍ ସ୍ମରଣ (ଧ୍ୟାନ)ର ଉଚ୍ଚ ମହିମା ଗାନ କରିଅଛନ୍ତି ।

କଠୋପନିଷଦ୍‌ରେ ବର୍ଣ୍ଣିତ ଅଛି -

ଏତଦ୍ଧ୍ୟେବାକ୍ଷରଂ ବ୍ରହ୍ମ ଏତଦ୍ଧ୍ୟେବାକ୍ଷରଂ ପରମ୍
ଏତଦ୍ଧ୍ୟେବାକ୍ଷରଂ ଜ୍ଞାତ୍ୱା ଯୋଯଦୀଚ୍ଛତି ତସ୍ୟ ତତ୍ । (୨/୧୬)

"ଏହି ଓଁକାର ହିଁ ବ୍ରହ୍ମ ଅଟନ୍ତି । ସେ ପରଂବ୍ରହ୍ମ, ସେହି ଓଁକାର ରୂପ ଅକ୍ଷରକୁ ଜାଣି (ଉପାସନା କରି) ସେ ଯାହା ବାଞ୍ଛା କରେ, ସେ ତାହା ପାଏ ।"

ସାନ୍ଧ୍ୟୋପାସନା ବିଧିର ଆଦ୍ୟରେ ଲେଖା ଅଛି -

ଅପବିତ୍ରଃ ପବିତ୍ରୋ ବା ସର୍ବାବସ୍ଥାଂ ଗତୋଽପିବା
ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସ ବାହ୍ୟାଭ୍ୟନ୍ତରଃ ଶୁଚିଃ ।

"ପବିତ୍ର ହେଉ ବା ଅପବିତ୍ର, ଯେ କୌଣସି ଅବସ୍ଥାରେ ମଧ୍ୟ ସେ ଭଗବାନ ପୁଣ୍ଡରୀକାକ୍ଷଙ୍କୁ ସ୍ମରଣ କରେ, ସେ ବାହ୍ୟ ଓ ଅନ୍ତର ସହିତ ଶୁଦ୍ଧ ହୋଇଯାଏ ।"

ଶ୍ରୀମଦ୍‌ଭଗବତ୍ ଗୀତାରେ ଭଗବାନ କହିଅଛନ୍ତି-

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି । (୬/୩୦)

"ଯେ ସର୍ବପ୍ରାଣୀରେ ସମସ୍ତଙ୍କ ଆତ୍ମସ୍ୱରୂପ ମୋତେ ବ୍ୟାପକ ଦେଖେ ଏବଂ ସମସ୍ତ ପ୍ରାଣୀଙ୍କୁ ମୋର ଅନ୍ତର୍ଗତ ଦେଖେ, ତା' ପକ୍ଷରେ ମୁଁ ଅଦୃଶ୍ୟ ନୁହେଁ ଏବଂ ସେ ମୋର ଅଦୃଶ୍ୟ ହୁଏନାହିଁ ।"

ତସ୍ମାତ୍‌ସର୍ବେଷୁ କାଳେଷୁ ମାମନୁସ୍ମର ଯଧ୍ୟ ଚ
ମସ୍ୟାର୍ପିତ ମନୋବୁଦ୍ଧିର୍ମାମେ ବୈଷ୍ୟସ୍ୟ ସଂଶୟମ୍ ।
ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା
ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ । (୮/୭/୮)

"ଅତଏବ ହେ ଅର୍ଜୁନ ! ତୁମ୍ଭେ ନିରନ୍ତର ମୋତେ ସ୍ମରଣ କର ଓ ଯୁଦ୍ଧ ମଧ୍ୟ କର । ଏହି ରୂପେ ମୋଠାରେ ମନ ବୁଦ୍ଧି ଅର୍ପଣ କରି ନିଶ୍ଚୟ ମୋତେ ପାଇପାରିବ । ଏହା ନିୟମ ଯେ, ପରମେଶ୍ୱରଙ୍କ ଧ୍ୟାନ ରୂପ ଅଭ୍ୟାସ ଯୋଗରେ ଯୁକ୍ତ ଅନ୍ୟତ୍ର ଗତିବିହୀନ ଚିତ୍ତରେ ନିରନ୍ତର ଚିନ୍ତନ କରି ପୁରୁଷ ପରମ ତେଜୋମଣ୍ଡିତ ଦିବ୍ୟ ପୁରୁଷଙ୍କୁ ଅର୍ଥାତ୍ ପରମେଶ୍ୱରଙ୍କୁ ପ୍ରାପ୍ତ ହୁଏ ।"

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟ ଯୁକ୍ତସ୍ୟ ଯୋଗିନଃ ।। (୮/୧୪)

"ହେ ଅର୍ଜୁନ ! ଯେ ମୋତେ ଅନନ୍ୟଚିତ୍ତରେ ନିରନ୍ତର ସ୍ମରଣ କରେ, ସେହି ନିରନ୍ତର ମୋଠାରେ ଯୁକ୍ତ ଯୋଗୀର ମୁଁ ସୁଲଭ ଅଟେ ଅର୍ଥାତ୍ ତାକୁ ସହଜରେ ପ୍ରାପ୍ତ ହୁଏ ।"

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ
ତୋଷାଂ ନିତ୍ୟାଭିୟକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ । (୯/୧୨)

"ମୋ' ଠାରେ ଅନନ୍ୟ ଭାବରେ ଚିତ୍ତ ସ୍ଥିର କରିଥିବା ଯେଉଁ ଭକ୍ତଜନ ମୋତେ (ପରମେଶ୍ୱରଙ୍କୁ) ନିରନ୍ତର ଚିନ୍ତନ କରି ନିଷ୍କାମ ଭାବରେ ମୋର ଉପାସନା କରେ, ସେହି ନିତ୍ୟ ମୋଠାରେ ଅର୍ପିତ ଚିତ୍ତ ପୁରୁଷର * ଯୋଗ-କ୍ଷେମ ମୁଁ ସ୍ୱୟଂ ପ୍ରାପ୍ତ କରାଇଦିଏ ।" ଏବଂ

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ।
ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ-ସଂସାର ସାଗରାତ୍
ଭବାମି ନ ଚିରାତ୍ ପାର୍ଥ ମୟ୍ୟାବେଶିତ ଚେତସାମ୍ ।
ମୟ୍ୟେବ ମନ ଅଧତଥସ୍ୱମୟି ବୁଦ୍ଧିଂ ନିବେଶୟ
ନିବସିଷ୍ୟସି ମୟ୍ୟେବ ଅତ ଉର୍ଦ୍ଧ୍ୱଂ ନ ସଂଶୟଃ ।। (୧୨/୬)

"ମୋର ଯେଉଁ ଶରଣାଗତ ଭକ୍ତ ଜନ ସର୍ବକର୍ମ ମୋଠାରେ ଅର୍ପଣ କରି ମୋତେ (ସଗୁଣ ରୂପ ପରମେଶ୍ୱରଙ୍କୁ) ତୈଳଧାରା ସଦୃଶ ଅନ୍ୟାନ୍ୟ ଧ୍ୟାନଯୋଗରେ ନିରନ୍ତର ଚିନ୍ତନ କରି ମୋର ଉପାସନା କରେ, ମୋଠାରେ ଅର୍ପିତ ଚିତ୍ତ ସେହି ପ୍ରେମୀ ଭକ୍ତକୁ ମୁଁ ଶ୍ରୀଘ୍ର ମୃତ୍ୟୁ ରୂପ ସଂସାର ସମୁଦ୍ରରୁ ଉଦ୍ଧାର କରେଁ । ଏଣୁ ହେ ଅର୍ଜୁନ ! ତୁମ୍ଭେ ମୋଠାରେ ମନ-ବୁଦ୍ଧି ବିନିଯୋଗ କର । ଶେଷରେ ତୁମ୍ଭେ ମୋଠାରେ ବାସ କରିବ ଅର୍ଥାତ୍ ମୋତେ ଲାଭ କରି ପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ।"

ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ
ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ।
ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି ।। (୧୮/୫୭/୫୮)

"ହେ ଅର୍ଜୁନ ! ତୁମ୍ଭେ ମନେ ମନେ ସମସ୍ତ କର୍ମ ମୋଠାରେ ଅର୍ପଣ କରି ମୋର ଶରଣ ନେଇ ସମତ୍ୱ ବୁଦ୍ଧି ରୂପ ନିଷ୍କାମ କର୍ମଯୋଗ ଅବଲମ୍ବନ କରି ନିରନ୍ତର ମୋଠାରେ ଚିତ୍ତ ସମର୍ପଣ କର । ଏହିରୂପେ ମୋଠାରେ ଅର୍ପିତ ଚିତ୍ତ ହୋଇ ମୋ କୃପାରେ ଜନ୍ମମୃତ୍ୟୁ ଆଦି ସମଗ୍ର ସଙ୍କଟକୁ ଅନାୟାସରେ ଲଂଘନ କରିପାରିବ ।"

ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ଅଛି-

କୀଟଃ ପେଶସ୍କୃତା ରୁଦ୍ଧଃ କୁଡ୍ୟାୟାଂ ତମନୁସ୍ମରନ୍
ସଂରମ୍ଭ ଭୟଯୋଗେନ ବିନ୍ଦତେ ତତ୍ସରୂପତାମ୍ ।
ଏବଂ କୃଷ୍ଣେ ଭଗବତି ମାୟା ମନୁଜ ଈଶ୍ୱରେ
ବୈରେଣ ପୂତପାପ୍ମାନସ୍ତମୀୟୁରନୁଚିନ୍ତୟା ।
କାମାଦ୍‌ଦ୍ୱେଷାଦଭୟାସ୍ନେହାଦ୍ୟଥାଭକ୍ତ୍ୟେଶ୍ୱରେ ମନଃ
ଆବେଶ୍ୟ ତଦଘଂ ହିତ୍ୱା ବହବ ସ୍ତଦ୍‌ଗତିଂ ଗତାଃ । (୭/୧/୨୭/୨୯)

"ଯେପରି କାନ୍ଥରେ କୁରାଳ ଦ୍ୱାରା ଆକ୍ରାନ୍ତ କୀଟ ତାହାର କ୍ରୋଧର ଭୟରେ ତାକ ସ୍ମରଣ କରି ତାହାର ସଦୃଶ ହୋଇଯାଏ, ସେହିପରି ମାୟା ମନୁଷ୍ୟ ରୂପଧାରୀ ପରମେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କୁ ବୈର ଭାବରେ ମଧ୍ୟ ବାରମ୍ବାର ଚିନ୍ତନ କରି ଅନେକେ ନିଷ୍ପାପ ହୋଇ ତାଙ୍କୁ ଲାଭ କରିଅଛନ୍ତି । ସେହିପରି କାମ, ଦ୍ୱେଷ, ଭୟ, ସ୍ନେହ ଓ ଭକ୍ତିରେ ଈଶ୍ୱରଙ୍କଠାରେ ମନ ଲଗାଇ ଅନେକ ସାଧକ ପାପରହିତ ହୋଇ ପରମ ପଦ ପ୍ରାପ୍ତି ହୋଇଅଛନ୍ତି ।"

ଶୃଣ୍ୱନ୍ ଗୃଣନ୍ ସଂସ୍ମରୟଂଶ୍ଚ ଚିନ୍ତୟନ୍
ନାମାନି ରୂପାଣି ଚ ମଙ୍ଗଳାନିତେ ।
କ୍ରିୟାସୁ ଯସ୍ତ୍ୱଚ୍ଚରଣାରବିନ୍ଦୟୋ-
ରାବିଷ୍ଟାଚେତା ନ ଭବାୟ କଳ୍ପତେ । (୧୦/୨/୩୭)

"ଯେଉଁ ବ୍ୟକ୍ତି କର୍ମ କଲା ବେଳେ ତୁମ୍ଭର ମଙ୍ଗଳମୟ ରୂପ ପୁଣି ନାମ, ଶ୍ରବଣ, କଥନ, ସ୍ମରଣ ଏବଂ ଚିନ୍ତନ କରି ତୁମ୍ଭର ଚରଣାରବିନ୍ଦରେ ଧ୍ୟାନ ରଖେ, ସେ ପୁଣି ସଂସାରକୁ ଫେରେ ନାହିଁ ।"

ବିଷୟାନ୍ ଧ୍ୟାୟତଶ୍ଚିତ୍ତଂ ବିଷୟେଷୁ ବିଷଜ୍ଜତେ
ମାମନୁସ୍ମରତଶ୍ଚିତ୍ତଂ ମୟ୍ୟେବ ପ୍ରବିଲୀୟତେ ।। (୧୧/୧୪/୨୭)

"ବିଷୟ ଚିନ୍ତକର ମନ ବିଷୟରେ ଆସକ୍ତ ହୁଏ ଏବଂ ମୋତେ ବାରମ୍ବାର ସ୍ମରଣ କରୁଥିବା ବ୍ୟକ୍ତିର ମନ ମୋଠାରେ ଲୀନ ହୁଏ ।"

ଅବିସ୍ମୃତିଃ କୃଷ୍ଣପଦାରବିନ୍ଦୟୋଃ
କ୍ଷିଣୋତ୍ୟ ଭଦ୍ରାଣିଶମଂ ତନୋତି ଚ
ସତ୍ତ୍ୱସ୍ୟ ଶୁଦ୍ଧିଂ ପରମାତ୍ମଭକ୍ତିଂ
ଜ୍ଞାନଂ ଚ ବିଜ୍ଞାନ ବିରାଗଯୁକ୍ତମ୍ ।। (୧୨/୧୨/୫୪)

"ଭଗବାନ ଶ୍ରୀକୃଷ୍ଣଙ୍କ ଚରଣ-କମଳ ସ୍ମୃତି ସର୍ବ ପାପ ନାଶ କରେ ଏବଂ ଅନ୍ତଃକରଣ ଶୁଦ୍ଧି, ପରମାତ୍ମାଙ୍କଠାରେ ଭକ୍ତି, ବିଜ୍ଞାନ-ବିରାଗ ସହିତ ଜ୍ଞାନ ଓ ଶାନ୍ତି ବିସ୍ତାର କରେ ।"

"ଭଗବାନ ଶ୍ରୀକୃଷ୍ଣଙ୍କ ଚରଣ-କମଳ ସ୍ମୃତି ସର୍ବ ପାପ ନାଶ କରେ ଏବଂ ଅନ୍ତଃକରଣ ଶୁଦ୍ଧି, ପରମାତ୍ମାଙ୍କଠାରେ ଭକ୍ତି, ବିଜ୍ଞାନ-ବିରାଗ ସହିତ ଜ୍ଞାନ ଓ ଶାନ୍ତି ବିସ୍ତାର କରେ ।"

ବିଷ୍ଣୁ ସହସ୍ରନାମର ଆଦ୍ୟରେ ଅଛି-

ଯସ୍ୟ ସ୍ମରଣମାତ୍ରେଣ ଜନ୍ମସଂସାର ବନ୍ଧନାତ୍
ବିମୁଚ୍ୟତେ ନମସ୍ତସ୍ମୈ ବିଷ୍ଣୁବେ ପ୍ରଭବିଷ୍ଣବେ ।

"ଯାହାଙ୍କୁ ସ୍ମରଣ କଲେ ମନୁଷ୍ୟ ଜନ୍ମମୃତ୍ୟୁ ରୂପ ସଂସାର-ବନ୍ଧନରୁ ମୁକ୍ତ ହୋଇଯାଏ, ବିଶ୍ୱସ୍ରଷ୍ଟା ସେହି ଭଗବାନ ବିଷ୍ଣୁଙ୍କୁ ନମସ୍କାର କରୁଅଛି ।"

ତୁଳସୀ ରାମାୟଣରେ ସୁତୀକ୍ଷ୍ଣଙ୍କ ସ୍ମରଣ ଭକ୍ତି ଆଦର୍ଶ ସ୍ଥାନୀୟ । ସୁତୀକ୍ଷ୍ଣ ଭଗବତ୍ ପ୍ରେମରେ ମଗ୍ନ ହୋଇ ମନେ ମନେ ସ୍ମରଣ କରି କହୁଅଛନ୍ତି -

"ଅତି ପାତକୀ ବ୍ୟକ୍ତି ଯାହାଙ୍କୁ ସ୍ମରଣ କରି ପରମ ପ୍ରିୟ ହୁଏ, ଆଜି ମୁଁ ତାଙ୍କୁ ଦେଖିବି ବୋଲି ମୋର ଅଙ୍ଗ ପୁଲକିତ ହେଉଅଛି । ମୁନିମାନେ ଯାହାଙ୍କ ପଦ-ସରୋଜ ଧ୍ୟାନ କରି କେବେ ହେଁ ପାଉ ନାହାନ୍ତି, ମୁଁ ସେହି ରଘୁବଂଶମଣି ଭଗବାନ ଶ୍ରୀରାମଙ୍କୁ ଦର୍ଶନ କରି ସୁଖୀ ହେବି ।"

ସେ ଏହି ରୂପେ ପ୍ରେମର ଉନ୍ନତ ଅବସ୍ଥା ପ୍ରାପ୍ତ ହୋଇ ଭଗବତ୍ ସ୍ମରଣରେ ଏପରି ଉଲ୍ଲସିତ ହେଲେ ଯେ, ତାଙ୍କର ଅହନ୍ତା ରହିଲା ନାହିଁ । ମୁନି ଅଟଳ ରହିଲେ । କଣ୍ଟକିତ ପଣସ ଫଳ ପରି ତାଙ୍କର ସର୍ବାଙ୍ଗ ରୋମାଞ୍ଚିତ ହେଲା । କେବଳ ଏତିକି ନୁହେଁ, ଭଗବତ୍ ଦର୍ଶନ ପରେ ମଧ୍ୟ ସେ ବର ପ୍ରାର୍ଥନା କଲେ, "ହେ ନାଥ ! ମୋର ହୃଦୟରେ ତୁମ୍ଭେ ନିରନ୍ତର ବାସ କର । ହେ ପ୍ରଭୁ ! ହେ ଧନୁଶରଧାରୀ ଶ୍ରୀରାମ ! ତୁମ୍ଭେ ଅନୁଜ ଓ ଜାନକୀଙ୍କ ସହିତ ମୋର ହୃଦୟାକାଶର ଚନ୍ଦ୍ରମାସ୍ୱରୂପ ସଦା ବିରାଜିତ ହୁଅ ।"

ଏଥିରୁ ଏହା ଜଣାଯାଏ ଯେ, ଭଗବତ୍ ଧ୍ୟାନ ସୁତୀକ୍ଷ୍ଣଙ୍କର ଅତ୍ୟନ୍ତ ପ୍ରିୟ ଥିଲା ।

ଶାସ୍ତ୍ରରେ ଏହିପରି ସ୍ମରଣ ଭକ୍ତମାନଙ୍କର ନାମ ବହୁତ ମିଳେ; କିନ୍ତୁ ଲେଖାର କଳେବର ବୃଦ୍ଧି ଭୟରେ ସମସ୍ତଙ୍କ ଚରିତ୍ର ନ ଦେଇ କେବଳ କେତେକ ଭକ୍ତଙ୍କର ନାମ ଦିଆଗଲା । ଯଥା - ସନକାଦି, ଧ୍ରୁବ, ଭୀଷ୍ମ ଓ କୁନ୍ତୀ ଆଦି ସ୍ମରଣ ଶକ୍ତିରେ ପରମପଦ ପ୍ରାପ୍ତ ହେଲେ । ଏହା ବ୍ୟତୀତ ନୀଚଜାତୀୟ ଭିଲଣୀ ଓ ଜଟାୟୁ ପକ୍ଷୀ ମଧ୍ୟ ଭଗବତ୍ ସ୍ମରଣ ଫଳରେ ପରମ ଗତି ପାଇଥିଲେ ।

ଗୁଣ, ପ୍ରଭାବ ଓ ପ୍ରେମ ସହିତ ଭଗବାନଙ୍କ ସ୍ୱରୂପ ଧ୍ୟାନ ସମାନ ଏହି ସଂସାରରେ ଶୀଘ୍ର ଉଦ୍ଧାରର ଅନ୍ୟ କୌଣସି ସାଧନ ନାହିଁ । ପ୍ରାୟ ସମଗ୍ର ସାଧନର ଫଳ - ଭଗବତ ସ୍ମରଣ । ଏଣୁ ନିଜର ସାରା ଜୀବନ ଉପଯୁକ୍ତ ମତେ ଭଗବତ୍ ସ୍ମରଣରେ ଅତିବାହିତ କରିବାକୁ ବଦ୍ଧ ପରିକର ହୋଇ ଚେଷ୍ଟା କରିବା ଉଚିତ ।

ଶ୍ରୀ କବିର ମଧ୍ୟ କହିଅଛନ୍ତି - "ପତଙ୍ଗ ଯେପରି ଦୀପାଲୋକରେ ମନ ଦେଇ ଜୀବନ ବିସର୍ଜନ କରେ ଏବଂ କୀଟ ଯେପରି ତାହାର ଘାତକ କୁରାଳ କୀଟ ଦେଖି ତଦନୁରୂପ ବର୍ଣ୍ଣ ଧାରଣ କରେ, ହେ କବିର ! ତୁ ସେହିପରି ଜୀବନବ୍ୟାପୀ ଭଗବତ୍ ସ୍ମରଣରେ ମନ ଦେଇ ଭଗବାନଙ୍କୁ ଲାଭ କର ।"

ଏଣୁ ଭଗବତ୍-ପ୍ରାପ୍ତି ଇଚ୍ଛୁକ ବ୍ୟକ୍ତିଗଣ ସମସ୍ତ କାର୍ଯ୍ୟ କରି ମଧ୍ୟ ଯେପରି କଚ୍ଛପ ଅଣ୍ଡାକୁ, ଗୋ ବତ୍ସାକୁ, କାମୁକ ସ୍ତ୍ରୀକୁ, ଲୋଭୀ ଧନକୁ, ନର୍ତ୍ତକୀ ପାଦକୁ, ଶକଟଚାଳକ ପଥକୁ ଧ୍ୟାନ ରଖେ, ସେହିପରି ସେହି ପରମାତ୍ମାଙ୍କୁ ଧ୍ୟାନ ରଖିବା ଉଚିତ ।

(ସଂଗୃହୀତ)

## ସଂପାଦକୀୟ

# ନୂଆ କୃଷି ଆଇନ ପ୍ରତ୍ୟାହାର

ଶେଷରେ କେନ୍ଦ୍ର ସରକାର କୃଷକଙ୍କ ଘନଘୋର ଆନ୍ଦୋଳନ ସାମ୍ନାରେ ମୁଣ୍ଡ ନୁଆଁଇଲେ ଓ ନୂଆ କୃଷି ଆଇନ ପ୍ରତ୍ୟାହାର କରିଥିବା ଘୋଷଣା କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ପ୍ରଣୟନ ହୋଇଥିବା ନୂଆ ତିନୋଟି କୃଷି ଆଇନରେ କୃଷକମାନଙ୍କୁ ମିଳିବାକୁ ଥିବା ବିଶେଷ ଲାଭ ସଂପର୍କରେ କୃଷକମାନଙ୍କୁ ବୁଝାଇବାରେ ସକ୍ଷମ ହୋଇ ନପାରିବାରୁ ସରକାର ବାଧ୍ୟ ହୋଇ ସଂପୃକ୍ତ ତିନି ଆଇନକୁ ପ୍ରତ୍ୟାହାର କରି ନେଇଛନ୍ତି । ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକମାନେ ଆନ୍ଦୋଳନ ପରିତ୍ୟାଗ କରି ନିଜ ନିଜ ଘରକୁ ଫେରି ଯାଆନ୍ତୁ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିବେଦନ କରିଛନ୍ତି । ସେହିଭଳି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ମଧ୍ୟ କୃଷକମାନଙ୍କୁ ସେମାନଙ୍କ ପାଇଁ ତିନି କୃଷି ଆଇନ ଯୋଗୁଁ ମିଳିବାକୁ ଥିବା ଲାଭକୁ ବୁଝାଇବାରେ ସରକାର ଅକ୍ଷମ ହୋଇଥିବା ପ୍ରକାଶ କରିଛନ୍ତି । କିନ୍ତୁ ଏହାକୁ ନେଇ ବିରୋଧୀ ଶିବିରରେ ନାନା ପ୍ରକାର ଆଲୋଚନା ପର୍ଯ୍ୟାଲୋଚନା ସ୍ପଷ୍ଟ ବାରି ହେଉଛି । ନିକଟରେ ଦେଶରେ ଅନୁଷ୍ଠିତ ହୋଇଥିବା କେତେକ ଉପନିର୍ବାଚନରେ ପରାଜୟର ସମ୍ମୁଖୀନ ହେବା ପରେ ବିଜେପି. ସରକାର ନିଜକୁ ସଳଖାଇବା ପାଇଁ ଉଦ୍ୟମ କରିବାକୁ ଯାଇ ସଂପୃକ୍ତ ତିନି କୃଷି ଆଇନ ପ୍ରତ୍ୟାହାର କରିଥିବା ମତ ରଖୁଛନ୍ତି ବିରୋଧୀ ନେତାମାନେ । କଂଗ୍ରେସର ସାଧାରଣ ସଂପାଦକ ପ୍ରିୟଙ୍କା ଗାନ୍ଧୀ ତ' ଟାର୍ଗେଟ୍ କରିଛନ୍ତି ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏବଂ ଟ୍ୱିଟ୍ କରି ନିଜ ମତ ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ବିଶ୍ୱାସନୀୟ ବୋଲି ମଧ୍ୟ ସେ ଉଲ୍ଲେଖ କରିବାକୁ ପଶ୍ଚାତପଦ ହୋଇନାହାନ୍ତି ।

ଅନ୍ୟପକ୍ଷରେ ସଂପୃକ୍ତ ତିନି କୃଷି ଆଇନକୁ କଳା ଆଇନ ଆଖ୍ୟା ଦେଇ କୃଷକମାନେ ଏହାର ପ୍ରତ୍ୟାହାର ଦାବୀରେ ଦୀର୍ଘ ଦିନ ଧରି ରାଜରାସ୍ତାରେ ଠିଆ ହୋଇଥିଲେ । ଏହି ଘନଘୋର ଆନ୍ଦୋଳନ ଫଳରେ ଅନେକ ଧନ ଜୀବନ ନଷ୍ଟ ହୋଇଥିବା ବିଷୟକୁ ମଧ୍ୟ କେହି ଅସ୍ୱୀକାର କରିପାରିବେ ନାହିଁ । କେତେ ଘଟଣା ଦୁର୍ଘଟଣା ଏହି ଆନ୍ଦୋଳନରେ ଲିପିବଦ୍ଧ ହୋଇ ରହିବ କାଳ କାଳକୁ । ଏଠାରେ ସବୁଠାରୁ ବଡ଼ କଥା ହେଲା, ଯେଉଁମାନଙ୍କ ପାଇଁ ଏହି ଆଇନ ପ୍ରଣୟନ ହୋଇଥିଲା, ସେମାନେ ହିଁ ଏହି ଆଇନକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ଓ ତୁରନ୍ତ ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଜୋର୍‌ଦାର୍ କରିଥିଲେ । ସେତେବେଳେ କେନ୍ଦ୍ର ସରକାର ଏହି ନିୟମ ପ୍ରଣୟନ ଦିଗରେ ଆହୁରି ଗୁରୁତ୍ୱ ଦେଇ ଚିନ୍ତା କରିବାର ଆବଶ୍ୟକତା ରହିଥିଲା ବୋଲି ରାଜନୀତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି । ଆଗାମୀ ସମୟରେ ସରକାର ଏଭଳି ପରିସ୍ଥିତି ପାଇଁ ବେଶ୍ ଯତ୍ନବାନ ହେବା ଏକାନ୍ତ ଆବଶ୍ୟକତା ରହିଛି ବୋଲି ମଧ୍ୟ ମତପ୍ରକାଶ ପାଉଛି ।

# ବ୍ରିଟିଶ ସମୟରୁ ଚାଲି ଆସୁଥିବା ପୋଷ୍ଟ ମୋର୍ଟମ ନିୟମ ସମାପ୍ତ : ସରକାରଙ୍କ ବଡ ପଦକ୍ଷେପ



ନୂଆଦିଲ୍ଲୀ : ପୋଷ୍ଟ ମୋର୍ଟମ ପାଇଁ ବ୍ରିଟିଶ ସମୟରୁ ଦେଶରେ ଚାଲି ଆସୁଥିବା ନିୟମ ବର୍ତ୍ତମାନ ତୁରନ୍ତ ସରକାରଙ୍କ ଦ୍ୱାରା ରଦ୍ଦ ହୋଇଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଏକ ନିୟମ ଥିଲା ଯେ, ସୂର୍ଯ୍ୟାସ୍ତ ପରେ ପୋଷ୍ଟ ମର୍ଟମ କରାଯିବ ନାହିଁ । କିନ୍ତୁ ବର୍ତ୍ତମାନ ସରକାର ଏକ ନୂତନ ଆଦେଶ ଜାରି କରିଛନ୍ତି ଯେ, ଯେଉଁ ଡାକ୍ତରଖାନାଗୁଡ଼ିକରେ ରାତିରେ ପୋଷ୍ଟ ମର୍ଟମ ବ୍ୟବସ୍ଥା ଅଛି, ସୂର୍ଯ୍ୟସ୍ତ ପରେ ମଧ ଏହା କରାଯାଇପାରିବ । ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସରକାର କହିଛନ୍ତି ଯେ, ଏହି ପଦକ୍ଷେପ ଅଙ୍ଗ ଦାନର ଲାଭ ଉଠାଇଥିବା ଲୋକଙ୍କୁ ସାହାଯ୍ୟ କରିବ । ସମ୍ପ୍ରତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟର ବୈଷୟିକ କମିଟି ଦ୍ୱାରା ସୂର୍ଯ୍ୟାସ୍ତ ପରେ ପୋଷ୍ଟମର୍ଟମ ସମସ୍ୟା ଯାଞ୍ଚ କରାଯାଇଥିଲା । ବୈଠକରେ ଆଲୋଚନା କରାଯାଇଥିଲା ଯେ, କେତେକ ଅନୁଷ୍ଠାନ ରାତି ସମୟରେ ପୋଷ୍ଟମର୍ଟମ କରୁଛନ୍ତି । ଏକ ସରକାରୀ ସୂତ୍ରରୁ ପ୍ରକାଶ ଯେ, ଟେକ୍ନୋଲୋଜିର ଦ୍ରୁତ ଅଗ୍ରଗତି ଏବଂ ଉନ୍ନତି, ବିଶେଷ କରି ପୋଷ୍ଟମର୍ଟମ ପାଇଁ ଆବଶ୍ୟକ ଆଲୋକ ଏବଂ ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧତାକୁ ବିଚାର କରି ଡାକ୍ତରଖାନାଗୁଡ଼ିକରେ ରାତାରାତି ପୋଷ୍ଟ ମୋର୍ଟମ କରିବା ସମ୍ଭବ ।

# ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ୮୩ଟି ରୂପାନ୍ତରୀଣ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ



ବ୍ରହ୍ମପୁର, (ନିପ୍ର) : ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଅନ୍ତର୍ଭୁକ୍ତ ସ୍ମାର୍ଟ କ୍ଲାସ ମାଧ୍ୟମରେ ଉନ୍ନତ ପ୍ରଣାଳୀରେ ବିଜ୍ଞାନ ଓ ପ୍ରଯୁକ୍ତି ଶିକ୍ଷାଦାନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ୮୩ଟି ରୂପାନ୍ତରୀଣ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗତକାଲି ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ମହକୁମା ଛତ୍ରପୁରଠାରେ ଲୋକାର୍ପଣ ହୋଇଯାଇଛି । ଛତ୍ରପୁର ଅନସ୍ଲୋ-ସରକାରୀ ହାଇସ୍କୁଲ ପରିସରରେ ଏକ ମେଗା-ଅଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶାଳ ଭବ୍ୟ-ସମାରୋହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଲୋକାର୍ପଣ ହୋଇଥିବା ୫-ଟି ଯୋଜନା ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରୀଣ କାର୍ଯ୍ୟକ୍ରମର ମହତ୍ତ୍ୱକୁ ପ୍ରତିପାଦିତ କରି ରାଜ୍ୟରେ ସମସ୍ତ ସରକାରୀ ହାଇସ୍କୁଲମାନଙ୍କରେ ଆଧୁନିକ ପ୍ରଣାଳୀର ଶିକ୍ଷାଦାନ ସୁବିଧା ଉପଲବ୍ଧ କରାଇପାରିଥିବା ଏହି ଅଭିନବ ପ୍ରୟାସ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କାର୍ତ୍ତିକେୟ ପାଣ୍ଡିୟାନଙ୍କୁ ସାଧୁବାଦ ଏବଂ କୃତଜ୍ଞତା ଜଣାଇଥିଲେ । ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛତ୍ରପୁର ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ପ୍ରଧାନ ନିଜର ଅଭିମତ ସ୍ୱରୂପ ବିଦ୍ୟାଳୟ ରୂପାନ୍ତରିତ ଶିକ୍ଷାର ଗୁଣାତ୍ମକ ମାନର ଅଭିନ୍ନ ରୁଚି ସମ୍ପର୍କରେ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ଅଭାସୀ ମାଧ୍ୟମରେ ୧୮୫୫ ମସିହାରେ ପ୍ରତିଷ୍ଠିତ ଛତ୍ରପୁର ଅନସ୍ଲୋ ହାଇସ୍କୁଲର ପୂର୍ବତନ ଛାତ୍ର ତଥା ଅନୁଗୁଳ ଜିଲ୍ଲା ତାଳଚେର ସ୍ଥ ଡ଼ିଆଇଜି ସାର୍ଥକ ଷଡଙ୍ଗୀ ଅଭାସୀ ମାଧ୍ୟମରେ ସେ ନିଜେ ଏହି ସରକାରୀ ବିଦ୍ୟାଳୟରେ ପାଠପଢ଼ି ନିଜକୁ ଗୋରବାନିତ୍ୱ ମନେ କରି ନିଜେ ଗର୍ବିତ ବୋଲି ମତପ୍ରଦାନ କରିଥିଲେ । ସଭା-ମଞ୍ଚରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଆସ୍କା ସାଂସଦ ପ୍ରମିଳା ବିଷୋୟୀ, ଜିଲ୍ଲା ପରିଷଦ ଅଧକ୍ଷା ସୋନାମ ପଲେଇ, ଛତ୍ରପୁର ବିଧାୟକ ସୁବାସଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଧାୟକ ଶ୍ରୀକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।

ଗଞ୍ଜାମ ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଏହି କାର୍ଯ୍ୟକ୍ରମର ସହ ପରିଚାଳନା କରିଥିଲେ । ଏହି ମେଗା ସମାବେଶରେ ବହୁ ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷା ବିଭାଗର ଉଚ୍ଚପଦାଧିକାରୀ, ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ, ପୋଲିସ ପ୍ରଶାସନ, ବହୁ ଗଣ୍ୟମାନ୍ୟ ଅତିଥି, ବ୍ୟକ୍ତିବୃନ୍ଦ ଯୋଗ ଦେଇଥିଲେ । ସ୍ମାର୍ଟକ୍ଲାସ ରୁମ, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ସ୍କୁଲ ପରିସରର ସୌନ୍ଦର୍ଯ୍ୟକରଣ ଆଦି ଲୋକାର୍ପିତ ହୋଇଛି ।

# ଡେଲାଙ୍ଗରେ ରାଷ୍ଟ୍ରୀୟ ପ୍ରେସ୍ ଦିବସ ପାଳିତ

**- ଆଂଚଳିକ ଶାନ୍ତି ଓ ବିକାଶ କ୍ଷେତ୍ରରେ ସମ୍ବାଦପତ୍ର ଉତ୍ତରଦାୟିତ୍ୱ ଉପରେ ଆଲୋଚନା**



ଡେଲାଙ୍ଗ, (ନିପ୍ର) : ଡେଲାଙ୍ଗ ପ୍ରେସ୍ କ୍ଲବ ଏବଂ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡଆ ପରିବାର, ଡେଲାଙ୍ଗର ମିଳିତ ଆନୁକୁଲ୍ୟରେ ଜାତୀୟ ପ୍ରେସ୍ ଦିବସ-୨୦୨୧ ଡେଲାଙ୍ଗ ବ୍ଲକ ବିଜୁପଟ୍ଟନାୟକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଏହି ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡେଲାଙ୍ଗ ବ୍ଲକ ବିଡିଓ ଦିଲ୍ଲୀପ କୁମାର ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ତହସିଲଦାର ସୁଶ୍ରୀ ନିବେଦିତା ପରିଡା, ସମ୍ମାନିତ ଅତିଥି ରୂପେ ମିଶନ ଶକ୍ତି ମହାସଂଘର ସମ୍ପାଦିକା ବାସନ୍ତି ସାହୁ ଯୋଗଦାନ କରି ଶର୍ଷକ ଆଂଚଳିକ ଶାନ୍ତି ଓ ବିକାଶ କ୍ଷେତ୍ରରେ ସମ୍ବାଦପତ୍ରର ଉତ୍ତରଦାୟିତ୍ୱ ଉପରେ ଆଲୋଚନା ଚକ୍ରରେ ନିଜର ମତବ୍ୟକ୍ତ ରଖିବା ସହ ସାମ୍ବାଦିକମାନଙ୍କର ମୌଳିକ ସମସ୍ୟା, କୋଭିଡ ସମୟରେ ମିଡିଆର ଭୂମିକା ଉପରେ ଆଲୋକପାତ କରିବା ସହ ସାମ୍ବାଦିକମାନଙ୍କୁ ଉତ୍ସାହିତ କରିଥିଲେ । ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡଆ ପରିବାରର ପରିଚାଳନା ନିର୍ଦ୍ଦେଶକ ତଥା ସାମ୍ବାଦିକ ଦିଲ୍ଲିପ କୁମାର ଧାଉଡିଆ ଅତିଥି ପରିଚୟ ଓ ସ୍ୱାଗତ ସମ୍ବର୍ଦ୍ଧନା କରଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଚିତ୍ତରଞ୍ଜନ ଜେନା, ଗୀତାରାଣୀ ରଣଜିତ, ଅନିମା ମିଶ୍ର, ଶୁଭଲକ୍ଷ୍ମୀ ସେନାପତି, ପ୍ରଦିପ କୁମାର ନାୟକ, ସନ୍ତୋଷ କୁମାର ପଣ୍ଡା, ସିଦ୍ଧାର୍ଥ ବଳବନ୍ତରାୟ, ହିମାଂଶୁ ମହାପାତ୍ର, ଫଟୋ ସାମ୍ବାଦିକ ରାମକୃଷ୍ଣ ପରିଡା ମରାଜେଶ କୁମାର ବେହେରା, ସାମାଜିକ କର୍ମୀ ବେଣୁଧର ମଙ୍ଗରାଜ, ଦିଲ୍ଲୀପ ପାଇକରାୟ, ପ୍ରବିତ୍ର ପ୍ରଧାନ ସମେତ ବହୁ ସଂଖ୍ୟାରେ ମିଶନ ଶକ୍ତି ମହାସଂଘର ସଦସ୍ୟାମାାନେ ଉପସ୍ଥିତ ରହିଥିଲେ ।

ପରିଶେଷରେ ସାମ୍ବାଦିକ ରଶ୍ମିରଞ୍ଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଲୋଇସିଂହା ବସ୍ତି ରେଲୱେ ଫାଟକ ରାସ୍ତା, ଅପେକ୍ଷା ପରେ ଦୁର୍ଦ୍ଦଶା



ଲୋଇସିଂହା, (ନିପ୍ର) : ଲୋଇସିଂହା ବସ୍ତିକୁ ସଂଯୋଗ କରୁଥିବା ରେଲୱେ ଫାଟକ ରାସ୍ତାରେ ଲୋଇସିଂହାବାସୀଙ୍କ ଦୀର୍ଘ ଦିନର ଦାବୀ ରେଲୱେ ଓଭର ବ୍ରିଜ ବଦଳରେ ଭୂତଳ ପୋଲ ନିର୍ମାଣ କଲା ରେଳ ବିଭାଗ । କିନ୍ତୁ ଲୋକଙ୍କ ଦାବୀ ଅନୁଯାୟୀ ରେଳ ବିଭାଗ ଆବଶ୍ୟକତା ପୂରଣ କରିନପାରି ଯାହା ଘଟିବ ବୋଲି ଚିନ୍ତା କରାଯାଉଥିଲା ତାହା ଘଟିଲା । ଫଳରେ ଲୋକଙ୍କ ମନରେ ଅସନ୍ତୋଷ ରହିଥିଲା । ଏପରିକି ଅପେକ୍ଷାର ଅନ୍ତ ଘଟିଥିଲେ ମଧ୍ୟ ଦୁର୍ଦ୍ଦଶା ବଢିଥିବା ସ୍ଥାନୀୟ ଲୋକେ ଖୋଲାଖୋଲି ଅଭିଯୋଗ କରୁଥିବା ଜଣାଯାଇଛି । ଅଭିଯୋଗ ଅନୁଯାୟୀ, ଲୋଇସିଂହା ବସ୍ତି ସମେତ ପନେସରା, କେଉଁଟିପାଲି, ଗୁର୍ଜିଭଟା, ଲୁହୁରାପାଲି ପ୍ରଭୃତି ଗାଁକୁ ଏହି ରେଲୱେ ଫାଟକ ରାସ୍ତା ସଂଯୋଗ କରୁଛି । ଫଳରେ ପୂର୍ବରୁ ଲୋକେ ଘଣ୍ଟା ଘଣ୍ଟା ଧରି ଦୈନନ୍ଦିନ ଅପେକ୍ଷା କରି ଏହି ରାସ୍ତାରେ ଅତିକ୍ରମ କରୁଥିଲେ । ଲୋକଙ୍କ ଦାବୀ ଅନୁଯାୟୀ ଏକ ଓଭର ବ୍ରିଜ ନିର୍ମାଣ ହେଉ । ଯାହା ଫଳରେ ସୁବିଧା ହୋଇପାରିବ । କିନ୍ତୁ ରେଳ ବିଭାଗ ଲୋକଙ୍କ ଦାବୀକୁ କେବଳ ରାସ୍ତା ଅତିକ୍ରମର ମାଧ୍ୟମ କରି ଏକ ଭୂତଳ ପୋଲ ନିର୍ମାଣ କଲା । ଯାହା ଫଳରେ ସାମାନ୍ୟ ବର୍ଷାରେ ପାଣି ଜମା ହୋଇ ଘଂଟା ଘଂଟା ଅପେକ୍ଷା ପରିବର୍ତ୍ତେ ଦିନ ଦିନ ଅପେକ୍ଷା କରିବାକୁ ପଡିଲା । ଏହାସହ ଏହି ପୋଲର ଉଭୟ ପାର୍ଶ୍ୱରେ ପାଣି ନିଷ୍କାସନ ଠିକ୍ ଭାବରେ ହୋଇନପାରି କଦର ସୃଷ୍ଟି ହେଲା । ଫଳରେ ରାସ୍ତାରେ ସ୍ଲିପ ହୋଇ ଦୁର୍ଘଟଣା ଘଟୁଥିବା ଦେଖାଗଲା । ଏହାସହ ପୋଲ ତଳ ସବୁବେଳେ ଶୁଖିଲା ନ ରହି ପାଣି ଜମିଲା । ଯାହା ଫଳରେ ପଥିକ ଓ ସାଇକଲ ଆରୋହି ଉକ୍ତ ଭୂତଳ ପୋଲରେ ନ ଯାଇ ଅନେକ ସମୟରେ ଫାଟକ ଡେଇଁ ଯିବା ଆସିବା କରୁଥିବା ଦେଖାଯାଇଛି । ସୂଚନା ଥାଉକି, ଗତ ବର୍ଷା ମାସରେ ନିକଟସ୍ଥ ଏକ ଭୂତଳ ପୋଲରେ ପ୍ରାୟ ୪ ଫୁଟ ପାଣିଜମି ରହିଥିବାରୁ ଜଣେ ୧୨ ବର୍ଷୀୟ ଛାତ୍ର ରେଳ ରାସ୍ତା ଡେଉଁ ଥିବା ସମୟରେ ରେଳ ଧକ୍କାରେ ଜୀବନ ହରାଇଥିଲା । ତେଣୁ ରେଳ ବିଭାଗ ଉପରୋକ୍ତ ସମସ୍ୟା ପ୍ରତି ଧ୍ୟାନ ଦେଇ ତା'ର ସୁବ୍ୟବସ୍ଥା କରିବାକୁ ଦାବୀ ହେଉଛି ।

# ସମାଜସେବୀ ଯଶୋବନ୍ତ ରଣାଙ୍କ ହସ୍ତକ୍ଷେପ ପରେ ଥଇଥାନ ହେଲେ ଶୁଭମ



କେନ୍ଦୁଝର, (ନିପ୍ର) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ତରତରା ପଞ୍ଚାୟତ ମଲାରପଦର ଗାଁର ଅନାଥ ଶିଶୁ ଶୁଭମ ପାତ୍ରଙ୍କ ପ୍ରଥମେ ପିତା ଓ ପରେ ମା' ମଧ୍ୟ ଆରପାରିକୁ ଚାଲି ଯାଇଥିଲେ । ତେବେ କୋମଳ ଶିଶୁ ଅବସ୍ଥାରୁ ଅନାଥ ହୋଇଥିବା ଶୁଭମ ପାତ୍ର, ଜେଜେମା କୁନ୍ଦୁରି ପାତ୍ରଙ୍କ ନିକଟରେ ରହି ଜୀବନ ଯାପନ କରୁଥିବା ବେଳେ ଜେଜେମା ଯୋଉଠି ଯାହା ମୂଳ ଲାଗି ଆଣନ୍ତି ସେଥିରେ ଦୁହେଁ କଷ୍ଟେ ମଷ୍ଟେ ଚଳି ଯାଉଛନ୍ତି । ଶୁଭମ ଏବେ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି । ଜେଜେମା ୭୫ ବର୍ଷ ହୋଇଥିବାରୁ ସେ ପରଘରେ ମୂଳ ଲାଗିବା ତାଙ୍କ ପାଇଁ କଷ୍ଟକର ହୋଇପଡିଥିବା ବେଳେ ଶିଶୁକୁ ପଢ଼ିବାର ବ୍ୟବସ୍ଥା କରିବାପାଇଁ କିଛି ସମାଜସେବୀ କଳାହାଣ୍ଡିର ସମାଜସେବୀ ଯଶୋବନ୍ତ ରଣାଙ୍କୁ ଫୋନ ଯୋଗେ ଜଣାଇଥିଲେ । ଖବର ପାଇଲା ପରେ ସମାଜସେବୀ ଏହି ସମସ୍ୟାକୁ କେନ୍ଦୁଝର ଜିଲ୍ଲାପାଳ, ମହିଳା ଓ ଶିଶୁ ବିକାଶ ବିଭାଗ, ଆନନ୍ଦପୁର ବ୍ଲକ ପ୍ରଶାସନକୁ ସମସ୍ୟା ବିଷୟରେ ଅବଗତ କରାଇ ତାଙ୍କୁ ଉନ୍ନତ ମାନର ଶିକ୍ଷା ଯୋଗାଇ ଦେବକୁ ନିବେଦନ କରିଥିଲେ । ଅଭିଯୋଗ ପାଇଲା ପରେ ଆନନ୍ଦପୁର ଡବ୍ଲୁଇଓ ଓ ତରତରା ପଞ୍ଚାୟତ ପିଇଓ ମିଳିତ ଭାବରେ ଏହାର ତଦନ୍ତ କରିଥିଲେ । ତାଙ୍କର ଜେଜେମାଙ୍କ ନା'ରେ ଏକ ପକ୍କା ଘର ଦିଆଯିବ ଏବଂ ଶୁଭମଙ୍କୁ କୋଳିମାଟି ସେବାଶ୍ରମରେ ରଖି ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସମାଜସେବୀ ଶ୍ରୀ ରଣାଙ୍କ ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଓୟୁଜେ ବଲାଙ୍ଗିର ଶାଖା ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ




ବଲାଙ୍ଗିର, (ନିପ୍ର) : ଓୟୁଜେ ବଲାଙ୍ଗିର ଶାଖା ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସମାଜର ଶୃଙ୍ଖଳା ତଥା ସୁରକ୍ଷା ପ୍ରତି ଗଣମାଧ୍ୟମର ଗୁରୁ ଦାୟିତ୍ୱ ରହିଥିବା ଦିଗରେ ଓୟୁଜେ ସଦସ୍ୟମାନେ ଆଲୋଚନା କରିଥିଲେ ।

ଆଗାମୀ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଦାୟିତ୍ୱ ତୁଲାଇବା ପାଇଁ ଆହୁରି ନିଷ୍ଠାପର ଭାବରେ କାମ କରିବା ନିମନ୍ତେ ସଂକଳ୍ପ ନେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରିତୁରାଜ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଧନମତ ପାଣିଗ୍ରାହୀ, ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ବଳରାମ ମିଶ୍ର, ପୁର୍ଣ୍ଣଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି ମଞ୍ଚାସୀନ ଥିଲେ । ନରେଶ ସାହୁ, ରଘୁନନ୍ଦନ ସିଂ, ଦୀପକ ପୁରୋହିତ, ବିଜୟ ପ୍ରଧାନ, ଅଭିଲାଷ ହୋତା, ନୂତନ ମିଶ୍ର, ବିଭୂପ୍ରସାଦ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଭୂପ୍ରସାଦ ଗଡତ୍ୟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


# ଛତିଶଗଡରେ ଆୟୋଜିତ ମିସ୍ ଟିନ୍ ପ୍ରତିଯୋଗିତାରେ ଓଡ଼ିଆ ଝିଅ ବିଜୟୀ

ପଦ୍ମପୁର, (ନିପ୍ର) : ଛତିଶଗଡ଼ ରାଜ୍ୟ କୋବ୍ରାରେ ଗତ ୧୪ ତାରିଖରେ ଆୟୋଜିତ ବିଭିନ୍ନ ବର୍ଗର ସୁନ୍ଦରୀ ପ୍ରତିଯୋଗିତାର ମିସ୍ ? ଟିନ୍ ? ବର୍ଗରେ, ଜଣେ ଓଡ଼ିଆ ଝିଅ ବିଜୟୀ ହୋଇ ସମସ୍ତଙ୍କୁ ଗୌରବାନ୍ୱିତ କରି ପାରିଛନ୍ତି । ବରଗଡ ଜିଲ୍ଲା ପଦ୍ମପୁରର ରାଜେଶ ଓ ଜ୍ୟୋତିମଞ୍ଜରୀଙ୍କ ଏକ ମାତ୍ର ଝିଅ ଆଦ୍ୟସା ମଞ୍ଜରୀ ପଟ୍ଟନାୟକ(୧୩) ନିଜ ଅଞ୍ଚଳ ପାଇଁ ଏହି ଗୌରବ ଆଣି ପାରିଛନ୍ତି । ବିବରଣୀ ଅନୁଯାୟୀ ଜିଲ ଏଣ୍ଟରଟେଂମେଟ ତରଫରୁ ମିସ, ମିସେସ, ମିଷ୍ଟର ଓ ମିସ ଟିନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିପାଇଁ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ବିଭିନ୍ନ ଅଡିସନ ନିଆଯାଇଥିଲା ଏବଂ ଶେଷରେ ଗତ ନଭେମ୍ବର ୧୪ ତାରିଖ ଦିନ କୋବ୍ରାଠାରେ ଫାଇନାଲ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବଲିଉଡର ମୁଗ୍ଧା ଗଡ଼ସେ, ପ୍ରଦୀପ ପାଲି, ବିଗବସ ୧୨ର ପ୍ରତିଯୋଗୀ ସୌରଭ ପଟେଲ ପ୍ରମୁଖ ସେଲିବ୍ରେଟି ଜଜ ଭାବରେ ଉପସ୍ଥିତ ରହି ବିଜେତାମାନଙ୍କୁ କ୍ରାଉନ ପିନ୍ଧାଇ ଥିଲେ । ଏହି ପ୍ରତିଯୋଗିତାର ମିସ୍ ଟିନ୍ ବର୍ଗରେ ଆଦ୍ୟସା ଅନ୍ୟ ୪୦ ଜଣ ପ୍ରତଯୋଗୀଙ୍କୁ ପଛରେ ପକାଇ ବିଜୟୀ କ୍ରାଉନ ପିନ୍ଧି ନିଜ ପିତାମାତାଙ୍କ ସହ ନିଜ ଅଂଚଳକୁ ମଧ୍ୟ ଗୌରବାନ୍ୱିତ କରିପାରିଛନ୍ତି ।

# କଂଟାବାଂଜି ଅଂଚଳରେ ବଢୁଛି ସଟ୍ଟା କାରବାର : ପ୍ରଶାସନର ଦୃଷ୍ଟି ପଡୁ

କଂଟାବାଜି, (ନିପ୍ର) : କଂଟାବାଂଜି ଅଂଚଳରେ ଦିନକୁ ଦିନ ସଟ୍ଟା କାରବାର ବଢ଼ି ଚାଲିଥିବା ଅଭିଯୋଗ ହେଉଛି । ବେଆଇନ ସଟ୍ଟା ଖେଳ ଯୋଗୁଁ ଅନେକ ଲୋକ ସର୍ବସ୍ୱାନ୍ତ ହୋଇ ପଡୁଥିବା ବେଳେ ଏଥିପ୍ରତି ପୋଲିସ ପ୍ରଶାସନର ନଜର ନଥିବା ସାଧାରଣରେ ଆଲୋଚନା ହେଉଛି । ବିଗତ ଦିନମାନଙ୍କରେ ସଟ୍ଟା କାରବାର ବୃଦ୍ଧି ସଂକ୍ରାନ୍ତୀୟ ଖବର ପ୍ରସାରଣ ହେଲେ କିଛି ସଟ୍ଟା ନମ୍ବର ଲେଖୁଥିବା ଏଜେଣ୍ଟଙ୍କୁ ଗିରଫ୍ କରି ପ୍ରଶାସନ କାମ ସାରି ଦେଉଥିବା କୁହାଯାଉଥିବା ବେଳେ ସଟ୍ଟା ମାଲିକମାନଙ୍କୁ ଗିରଫ୍ କରାଯିବାକୁ ଦାବୀ ହେଉଛି ।

# ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା




ଭୁବନେଶ୍ୱର, (ପି.ଆଇ.ବି.) : ଜାତୀୟ ପ୍ରେସ ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ପତ୍ରସୂଚନା କାର୍ଯ୍ୟାଳୟ ଭୁବନେଶ୍ୱର ଓ ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋ ପକ୍ଷରୁ ଆୟୋଜିତ ଏହି ୱେବିନାରରେ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନକୁ ଲୋକଭିମୁଖୀ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ପ୍ରାରମ୍ଭିକ ଅଭିଭାଷଣ ଦେଇ ପତ୍ରସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ସ୍ୱାଧୀନତା ଆନ୍ଦୋଳନ କାଳରେ ଗଣମାଧ୍ୟମଗୁଡିକୁ ଇଂରେଜ ଶାସକମାନଙ୍କ ଆକ୍ରୋଶର କିପରି ଶୀକାର ହେବାକୁ ପଡିଥିଲା ତା'ର ନଜିରମାନ ଦେଇଥିଲେ । ଏପରିକି ସ୍ୱାଧୀନତା ସଂଗ୍ରାମ ଗଣମାଧ୍ୟମ ଜରିଆରେ ଅଧିକ ଲୋକାଭିମୁଖୀ ହେଉଥିବାରୁ ଭର୍ଣ୍ଣାକୁଲାର ପ୍ରେସ ଆଇନ ମଧ୍ୟ ଲାଗୁ କରିବାକୁ ହୋଇଥିଲା । ବର୍ତମାନ ସାମାଜିକ ଗଣମାଧ୍ୟମ ଯେପରି ମୁଣ୍ଡ ଟେକିବା ଆରମ୍ଭ କରିଛି ଗଣମାଧ୍ୟମରେ ତଥ୍ୟ ଯାଂଚ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିରେ ଯୋଗଦେଇ ବରିଷ୍ଠ ଆଇନଜ୍ଞ ଓ ଲେଖକ ସଦାଶିବ ଦାସ ସ୍ୱାଧୀନତା ଆନ୍ଦୋଳନ କାଳରେ ଜଗଜାଗରଣ ସୃଷ୍ଟି କରିବାରେ ସେତେବେଳେ ଗଣମାଧ୍ୟମ ବୋଇଲେ ମୁଖ୍ୟତଃ ଖବରକାଗଜ, ପୋଷ୍ଟର ଇତ୍ୟାଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ । ଓଡିଶାରେ ମଧ୍ୟ କର୍ମବୀର ଗୌରୀଶଙ୍କର ବା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଲେଖାମାନ ବେଶ୍ ଆଦୃତ ହେଉଥିଲା ।

ସମ୍ବାଦଗୁଡିକ ଆନ୍ଦୋଳନର ଅଗ୍ନି ସଂଯୋଗକାରୀ ଭାବେ କାର୍ଯ୍ୟ କରୁଥିଲେ ବୋଲି ସେ କହିଥିଲେ । ଏଥିରେ ଯୋଗଦେଇ ବିଶିଷ୍ଟ କବି ଓ ସାମ୍ବାଦିକ ପୀତାମ୍ବର ତରାଇ ଜନସଚେତନତାର ବାର୍ତାବହ ଭାବେ ସ୍ୱାଧୀନତା ସଂଗ୍ରାମରେ ଖବରକାଗଜ ଖୁବ୍ ଉପାଦେୟ ଭୂମିକା ତୁଲାଇଥିଲା ବୋଲି କହିଥିଲେ । ୱେବିନାରେ ଅଂଶଗ୍ରହଣ କରି କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଶ୍ରୀମତୀ ରୁବି ନନ୍ଦ କହିଥିଲେ ଯେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପହଂଚାଇବାରେ ଗଣମାଧ୍ୟମ ସ୍ୱାଧୀନତା ସଂଗ୍ରାମ କାଳରେ ବଳିଷ୍ଠ ଭୂମିକା ତୁଲାଇଥିଲା । ପ୍ରେସ ସେତେବେଳେ ଗୋଟେ ମିଶନ ମୋଡ କାର୍ଯ୍ୟ ଥିବାରୁ ଏହା ବେଶ୍ ଜନାଭିମୁଖୀ ହୋଇପାରିଥିଲା । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମକୁ ନ ଯୋଡିବାକୁ ସେ ପରାମର୍ଶ ଦେଇଥିଲେ । ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ୱେବିନାରରେ ଶ୍ରୀମତୀ ଆନ୍ନି ଶତପଥୀ ଏହାକୁ ପରିଚାଳନା କରିଥିବା ବେଳେ, ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋ କ୍ଷେତ୍ର ପ୍ରଦର୍ଶନ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ ।

# ବିପଦ ମୁହଁରେ ଏଲିଫେଣ୍ଟ ସ୍କ୍ୱାର୍ଡ



ଆଗଲପୁର, (ନିପ୍ର) : ଲୋଇସିଂହା ଫରେଷ୍ଟ ରେଞ୍ଜରେ ହାତୀ ଉପଦ୍ରବ ଏକ ନୀତି ଦିନିଆ ଘଟଣାରେ ପରିଣତ ହୋଇଛି । ଆଉ ହାତୀଙ୍କ ଗତିବିଧି ନିରିକ୍ଷଣ ତଥା ସେମାନଙ୍କ ଉପଦ୍ରବରୁ ଫସଲ ତଥା ଧନଜୀବନ ହାନୀକୁ ରୋକିବା ପାଇଁ ପ୍ରତି ରେଞ୍ଜରେ ଗଠନ କରାଯାଇଛି ଏଲିଫେଣ୍ଟ ସ୍କ୍ୱାର୍ଡ । ତେବେ ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧିନ ସାଲେଭଟା ସେକ୍ସନରେ ଦାୟିତ୍ୱରେ ଥିବା ଏଲିଫେଣ୍ଟ ସ୍କ୍ୱାର୍ଡର ସଦସ୍ୟଙ୍କୁ ହାତୀର ଗତିବିଧି ନିରୀକ୍ଷଣ ପାଇଁ ଅତି ବିପଦଜନକ ଭାବେ ବାଇକରେ ଜଂଗଲ ଭିତରକୁ ପଠାଯାଉଥିବା ସୂଚନା ମିଳିଛି । ଏପରିକି ସାଂଗରେ ବିଭାଗୀୟ ଫରେଷ୍ଟର ଅଥବା ଗାର୍ଡ ଯିବାର ନିୟମ ରହିଥିବା ବେଳେ ଅନଭିଜ୍ଞ ସ୍କ୍ୱାର୍ଡ ଦଳକୁ ଏକା ଏକା ଜଂଗଲ ଭିତରକୁ ଯିବାକୁ ବାଧ କରାଯାଉଥିବା ଅଭିଯୋଗ ହେଉଛି । ଫଳରେ ସେମାନଙ୍କ ଜୀବନ ସଦା ସର୍ବଦା ବିପଦ ମୁହଁରେ ଥିବା ନେଇ ନିଜ ନାମ ଗୋପନ ରଖିବା ସର୍ତରେ କିଛି ସ୍କ୍ୱାର୍ଡ ସଦସ୍ୟ ପ୍ରକାଶ କରିଛନ୍ତି । ଏ ବାବଦରେ ସାଲେଭଟା ଫରେଷ୍ଟର ଚିତ୍ତରଂଜନ ଖମାରୀଙ୍କୁ ପଚାରିବାରେ ଜଂଗଲ ଭିତରକୁ ଯିବା ପାଇଁ ସ୍କ୍ୱାର୍ଡ ଦଳ ନିମନ୍ତେ ଚାରିଚକିଆ ଯାନ ରହିଛି । କିଛି ସଦସ୍ୟ ନିଜ ଇଚ୍ଛାରେ ବାଇକରେ ଯାଉଥିବେ ବୋଲି ପ୍ରକାଶ କରିବା ସହିତ ସାଂଗରେ ଗାର୍ଡ ଯାଉଥିବା ସେ ନିଜ ପ୍ରତିକ୍ରିୟାରେ ସଫେଇ ଦେଇଥିଲେ । ବଲାଙ୍ଗିର ଡିଏଫଓ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କଲେ ବିଧାୟକ ସରୋଜ ମେହେର



ପାଟଣାଗଡ : ପାଟଣାଗଡ ବିଧାୟକ ସରୋଜ ମେହେର ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଦେଉଳଗାଁ ଓ ସୁନାମୁଦୀ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ ଏବଂ ସମସ୍ତ ଗ୍ରାମକୁ ଯାଇ ଲୋକଙ୍କ ଅସୁବିଧା ବୁଝିଥିଲେ । ଆଗାମୀ ଦିନରେ ଅଂଚଳ ମାନଙ୍କରେ ଥିବା ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ବିଧାୟକ ଶ୍ରୀ ମେହେର । ଏଥିରେ ବିଧାୟକଙ୍କ ସହ ବହୁ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ ।

# ବେଆଇନ ଭାବେ ଲିଜ୍ ଜମିକୁ ଦଖଲ କରି ଉପିଡନ କରୁଥିବା ବିରୁଦ୍ଧରେ ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ସିଂହନପୁର ଗ୍ରାମର ପଦ୍ମପୁର ସବ୍‌ଜେଲ୍ ନିକଟରେ ବସବାସ କରୁଥିବା ମହିଳା ସୁକାନ୍ତି ମେହେର, ସୁମିତ୍ରା ମେହେର, ଶକୁନ୍ତଳା ପାଣ୍ଡେ ପ୍ରମୁଖ ପଦ୍ମପୁର ଉପଜିଲ୍ଲାପାଳଙ୍କଠାରେ ଏକ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଅନୁସାରେ ଏହି ମହିଳାମାନେ ନିଜ ନିଜର ପରିବାର ଧରି ଦୀର୍ଘ ୩୦-୪୦ ବର୍ଷ ହେଲାଣି ବିଜୁ ଏକ୍ସପ୍ରେସ ୱେ ରାସ୍ତା କଡରେ ଥିବା ସରକାରୀ ଜମିରେ ଘରଦ୍ୱାର କରି ରହି ଆସୁଥିଲେ । ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଉକ୍ତ ପରିବାରମାନଙ୍କୁ ଅନୁଗ୍ରହ କରି ସରକାରୀ ଜମିରେ ଘର ନିର୍ମାଣ କରି ସେମାନଙ୍କୁ ଏଠାରେ ରହିବା ପାଇଁ ପରାମର୍ଶ କରିଥିଲେ । କହିବା ଅନୁସାରେ ସେହି ସମୟରେ ଆର୍‌ଆଇ ସେମାନଙ୍କୁ ଉକ୍ତ ଜମିକୁ ଚିହ୍ନଟ କରି ଦଖଲ ମଡାଇ ଦେଇଥିଲେ । କିନ୍ତୁ କିଛି ବର୍ଷ ପରେ ପଞ୍ଚାନନ ମେହେର ନାମକ ବ୍ୟକ୍ତି ସେହି ସମୟରେ ସରକାରୀ ଅମିନ ଭାବେ କାର୍ଯ୍ୟ କରୁଥିବା ବେଳେ ବେଆଇନ ଭାବେ ଉକ୍ତ ଜମିକୁ ଅକ୍ତିଆର କରି ସେଠାରେ ବାସକରି ଉପରୋକ୍ତ ମହିଳାମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରି ବର୍ତ୍ତମାନ ସେହି ସ୍ଥାନରୁ ତଡି ଦେବାକୁ ଅପ ଚେଷ୍ଟା କରୁଅଛନ୍ତି । ଏ ସମ୍ପର୍କରେ ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ପ୍ରଶାସନଠାରେ ଗୁହାରୀ କରି ଆସୁଥିଲେ ସୁଦ୍ଧା ଉପଯୁକ୍ତ ନ୍ୟାୟ ମିଳି ପାରୁନାହିଁ । ସରକାର ଭୂମିହୀନ ଲୋକଙ୍କୁ ସରକାରୀ ଜମି ଯୋଗାଇ ଦେଇ ଆବାସ ଗୃହ ନିର୍ମାଣ କରି ଥଇଥାନ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ମାତ୍ର ଏହି ମହିଳାମାନଙ୍କର ସପକ୍ଷରେ ନ୍ୟାୟ ମିଳୁନାହିଁ । ଏଣୁ ଜିଲ୍ଲା ପ୍ରଶାସନ ଏ ସଂକ୍ରାନ୍ତରେ ସଦୟ ହୋଇ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ମହିଳାମାନେ ଦାବୀ କରିଛନ୍ତି ।

# ବିର୍ସାମୁଣ୍ଡା ନୋଡାଲ ବିଦ୍ୟାପୀଠରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ



ରାଉରକେଲା, (ନିପ୍ର) : କ୍ୱାରୀସାଇଟ୍ ବିର୍ସାମୁଣ୍ଡା ନୋଡାଲ ବିଦ୍ୟାପୀଠରେ ଧରତୀ ଆବା ବୀର ବିର୍ସାମୁଣ୍ଡାଙ୍କ ୧୪୬ତମ ଜୟନ୍ତୀ ବିଦ୍ୟାପୀଠ ପରିସରରେ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା ପରିଷଦର ଅଧ୍ୟକ୍ଷ ରଞ୍ଜିତ କିଶାନ ମୁଖ୍ୟ ଅତିଥି, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପ୍ରାକ୍ତନ କାଉନସିଲର ବୁଟୁ କିଶାନ, ବଣେଇର ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଏସ୍‌ଏମ୍‌ଡିସି ସଭ୍ୟ ଜଗନ୍ନାଥ ଦାସ, ଅଶୋକ କୁମାର ଶୁକ୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ଜୀବନାଦର୍ଶ ଓ ତ୍ୟାଗପୂତ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ । ତାଙ୍କ ସଂଗ୍ରାମର କାହାଣୀ ଯୁଗ ଯୁଗ ଧରି ଆମ ସମାଜ ପାଇଁ ପ୍ରେରଣା ହୋଇ ରହିଥିବ ବୋଲି ଅତିଥିମାନେ ମତ ରଖିଥିଲେ ।

ଶିକ୍ଷକ ବୈକୁଣ୍ଠ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ବିଜୟ କୁମାର ଦାଶ, ପ୍ରଦୀପ କୁମାର ବିଶ୍ୱାଳ, ତ୍ରିଲୋଚନ ନାୟକ, ପୁଷ୍ପରଂଜନ ମହନ୍ତ, ଉର୍ମିଳା ଲାକ୍ରା, ହେମନ୍ତ କୁମାର ଦାଶ, ଆରତୀ ଦାସ, ମୀନତି ଦାସ, ସୁଷମା ପଣ୍ଡା, ସସ୍ମିତା ତନ୍ତୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଏସ୍‌ଏମ୍‌ସି ଓ ଏସ୍‌ଏମ୍‌ଡିସି ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ ।

# କର୍ଲାମୁଣ୍ଡା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଟକର୍ଲାକୁ ପରାସ୍ତ କରି ଚିଚର୍ଲା ଚାମ୍ପିଅନ




କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁ ସ୍ଥିତ ଚିନାବାଡ଼ି ପଡିଆଠାରେ କର୍ଲାମୁଣ୍ଡା ଫୁଟ୍‌ବଲ୍ ଟିମ୍ ପକ୍ଷରୁ କର୍ଲମୁଣ୍ଡା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ଚିଚର୍ଲା ଏବଂ ଟକର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତେବେ ଚିଚର୍ଲା ଦଳ ଓ ଟକର୍ଲା ଦଳକୁ ୨-୦ଗୋଲ ଦେଇ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ ।

ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦ ସମ୍ମାନିତ ଅତିଥି ରୂପେ, ଜିଲ୍ଲାଯୁବ ବିଜେଡ଼ି ସମ୍ପାଦକ ବିଶ୍ୱଦିପକ୍ ପାତ୍ର, କର୍ଲାମୁଣ୍ଡା ବିଜେଡ଼ି ସଭାପତି ସୁରେନ୍ଦ୍ର ସାହୁ, ଛାତ୍ର ବିଜେଡ଼ି ସଭାପତି ଅଜିତ କୁମାର ସାହୁ, ବ୍ଲକ ଯୁବ ବିଜେଡ଼ି ସଭାପତି ସଙ୍ଗୀତ ଭୋଇ, ଛାତ୍ର ସଭାପତି ସଲିମ ଶେଖର ରଣା, ପୋଲିସ ଏଏସ୍‌ଆଇ ଲବରାମ ଛତ୍ରିଆ, ଯୁବନେତା ଚିନ୍ମୟ ମିଶ୍ର ଯୋଗ ଦେଇଥିଲେ । ଆୟୋଜନ କମିଟିର ସଭାପତି ନନ୍ଦକିଶୋର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡୋଲାମଣି ଭୋଇ ସ୍ୱାଗତ ଅଭିଭାଷଣ ରଖିଥିଲେ ।

ପୁରସ୍କାର ବିତରଣ ଉତ୍ସବକୁ ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା ପରିଚାଳନା କରିଥିଲେ । ଖେଳ ପରିଚାଳନାରେ ରେଫରି ଭାବେ ଲଳିତ ସାହୁ, ଲଳିତ ଗଉଡ଼, ବିନୋଦ ହେର୍ନା ଖେଳ ପରିଚାଳନା

କରିଥିବା ବେଳେ ଲୋକେଶ ଗହୀର ଧାରା ବିବାରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଅଗ୍ନୀଶମ କର୍ମଚାରୀ ତପନ ଛତ୍ରିଆ, ଟିମ୍ ମେନେଜର ଦୁର୍ଲ୍ଲଭ୍ ମେହେର ସମେତ ଖେଳ ପରିଚାଳନା କରିଥିବା ରେଫରି ଲଳିତ ସାହୁ, ଲଳିତ ଦାସ, ବିନୋଦ ହେର୍ଣ୍ଣା ଓ ପିଙ୍କୁ ଚନ୍ଦନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ କ୍ଲବ ସଦସ୍ୟ ନୀଳ ଭୋଇ, ବିରେନ ସାହୁ, ଅନିଲ ସାହୁ, ମୁକେଶ କୁମାର ସାହୁ, ସଲଟି ବଗର୍ତ୍ତି, ସୀତୁ ସାହୁ, ବିରୁ ସାହୁ, ବବଲୁ ସାହୁ, ଜିତ ସାହୁ, ବିପିନ ସାହୁ, ମଣି ମେହେର, କର୍ଣ୍ଣ ଭୋଇ, କୁଞ୍ଜୀ ସାହୁ, କଳ୍ପ ସାହୁ, ଭୀଷ୍ମ ବାଗ, ନାମିତ ସୁନା ବିଶେଷ ଭାବରେ ସହଯୋଗ କରିଥିଲେ ।

# ମେଟ୍ ଲିପଷ୍ଟିକ

## ଏଲି ମହାନ୍ତି



ମତେ ଲାଗୁଥିଲା
ରାସ୍ତା ତିଆରୁଥିବା ଲୋକମାନେ
ସବୁଠୁ ବେଶି ଠକ
ଯୋଉମାନେ ଦଳ ଦଳ ହେଇ
ପ୍ରଥମେ ତାଡୁଥିଲେ ରାସ୍ତା
କିଛି ଲୋକ ରିତିମତ୍ ଧୂଳି ଝାଡୁଥିଲେ
ପଙ୍ଖା ଲଗେଇ
ରାସ୍ତାରୁ ଧୂଳି ଝାଡିବା କାମ
ମୋତେ ଆଶ୍ଚର୍ଯ୍ୟ ଲାଗେ ସବୁଦିନେ

ଭୀଷଣ ଖରାରେ ସେମାନଙ୍କ ପିଠି ଓ ହାତ
ଦେଖି ମୋର ବାରମ୍ବାର ମନେପଡୁଥିଲା
ଗତ ରାତିରୁ ଓଠରୁ ଛାଡୁନଥିବା
ଡିପ୍ ପର୍ପଲ ମେଟ୍ ଲିପଷ୍ଟିକ
କିଛି ଲୋକ ପାଦରେ ବୋରା ବାନ୍ଧି
ରାସ୍ତାରେ ଢାଳିଲେ ତରଳ ପିଚୁ
ୟୁଟ୍ୟୁବରେ ଝିଅଟିଏ ଅନର୍ଗଳ କହି ଚାଲିଥିଲା
ପ୍ରଥମେ ଓଠକୁ ସ୍କ୍ରବ କର
ଡେଡ୍ ସେଲ୍ ପୋଛି

ଧୀରେ ଧୀରେ ଜେଲ୍ ଲଗାଅ
ଫାଉଣ୍ଡେସନ ମାର
ଲାଇନର୍ ଭିତରେ ହାଲ୍କା ବ୍ରଶିଂ କର....

ସେ ଲୋକମାନେ ଏଥର
ଲମ୍ବା ଲମ୍ବା କୋଦାଳରେ
ମସୃଣ କରୁଥିଲେ ରାସ୍ତା ଉପର

ମୋତେ ଲାଗିଲା
ଚିକ୍କଣ ଦିଶୁଥିବା ମୋ ଓଠ
ଗୋଟେ ଲମ୍ବା ପିଚୁ ରାସ୍ତା
କୁହୁଡି କାକର ଖରା ବର୍ଷା ସହ
ସେଠି ଢେର ପାଦଚିହ୍ନ..

ଓଠକୁ ସ୍କ୍ରବ କରିବା ଆଗରୁ
ମୋର ଆଉଥରେ ମନେ ପଡିଲେ
ଭୀଷଣ ଖରାରେ ରାସ୍ତାକୁ ଧୀରେ ଧୀରେ ତାଡୁଥିବା
ସେ ଦଳ ଦଳ ଲୋକ....



# ବିଦାୟ ମୁହୂର୍ତ୍ତ

## ନୀଳାଦ୍ରି ଭୂଷଣ ମହାପାତ୍ର



ସବୁ ବିଦାୟ ବେଳ
ଏମିତି ବିଷାଦମୟ
ଥମ୍ ଥମ୍ ମୁହଁ
ଛଳ ଛଳ ଆଖି
ଭାଷା ସବୁ ଡେଇଁ ପାରନ୍ତିନି
ଓଠର ଏରୁଣ୍ଡି
ପୃଥିବୀଟା ସତେକି ଚାଲିଯାଏ
ପାଦତଳୁ ଖସି ।

ସ୍ୱର୍ଗ ପରି ଲାଗୁଥିବା ସଂସାର
ଆଖି ପିଛୁଳାକେ ପାଲଟିଯାଏ ଶ୍ମଶାନ
ନାଁ ବୁଝିହୁଏ, ନାଁ ବୁଝେଇ ହୁଏ
ଯେତେସବୁ ସ୍ୱପ୍ନ ଦେଖିଥିଲେ
ସେ ସବୁ ସତ,
ନାଁ ଯାହା ସତ, ସେ ଏବେ ସ୍ୱପ୍ନ
ଭାବୁ ଭାବୁ
ଆଙ୍ଗୁଳି ସଂଧି ଦେଇ ହାତମୁଠାରୁ
ଖସିଯାଏ ତୀର୍ଯ୍ୟକ ସମୟ
ନାଁ ବାରିହୁଏ ଦିନ
ନାଁ ବାରିହୁଏ ରାତି
ଅଂଧ ପରି ଅଣ୍ଡାଳୁ ଅଣ୍ଡାଳୁ
ଅସଲ ଲୋକଟି ଏଠୁ
ବାଟ ଭାଂଗି ଯାଇ ସାରିଥା'ନ୍ତି ।

ଏଠି କିଏ କାହାକୁ ଅପେକ୍ଷା କରେ ଯେ'
ଏଠୁ ସମସ୍ତେ ଦିନେ ଫେରନ୍ତି
ଏଠି ଦିନ ଲୁଚିଯାଏ ମାସରେ
ମାସ ଲୁଚିଯାଏ ବର୍ଷରେ
ବର୍ଷ ବର୍ଷ ସମୟଗୁଡ଼ାକ
ଲୁଚିଯା'ନ୍ତି ମହାକାଳ ତଳେ ।

ଏଠି ଫେରିବାଟା ନୂଆ ନୁହଁ
ଆସିବା ବି ନୁହଁ ନୂଆ
ଆସିବା ଓ ଫେରିବା ବାଟରେ
ହସ ଆଉ ଲୁହଦାଗ
ରହିଯାଏ ଯାହା ।

ଏଠି ଷଠିଘର ଯେଉଁପରି ସତ୍ୟ
ସମାଧି ବି ସେହିପରି ସତ୍ୟ
ହେଲେ ମୃତ୍ୟୁ ଠାରୁ ବଳି କଷ୍ଟ
ଏମିତି ଏ ବିଦାୟ ମୁହୂର୍ତ୍ତ । ।

ମୋ.ନଂ.- ୯୪୩୧୧୧୩୬୫୮

# ଚୋପ୍‌କାଁଣିଆ


## ମୀନକେତନ ବାରଲେବଡ଼ିଆ



ଇ ସଁସାରର ଗୁପାପୁଲା କେ
ଏତେ ସହଜେ ବୁଝି ନାଇଁ ହୁଏ
ବେଲ୍‌ଉଦା ନୁ ବେଲ୍‌ବୁଡା ତକ୍
ଦିନ୍ ଗୁଟେ ଭଲେ ଭଲେ କଟିଗଲେ
ନୁଆଁ ଜନମ୍ ପାଏଲା ବାଗିର ଲାଗସି !

ଚାରିକୁତି ଜୁହା ମାରିଛନ୍ ଶିକାରିମାନେ
ଧାଡିକେ ଧାଡି ବସେଇକରି ଚୋପକାଁଣିଆ
ମନକେ ଟିକେ ଆକଟ କରି ନି ପାରଲେ
କେତେବେଲେ ଲଠୋ କିନା
ଲଟକି ଯିବା ଅଠା
ଯେତେ ଛଡାଲେ ବି
ରହି ଯିବା ତାର ଚିହ୍ନାବନା ।

ଇ' ଚୋପକାଁଣିଆର ଅଠା
କରିଦେସି ବଡା ଅଥାବିଥା
ନାଇଁ ରୁଚେ ପାଏନ ପଖାଲ,
ନାଇଁ ଦିଶନ୍ ଲୋକବାକ୍
ଜନକ ରାତି ପୁରଙ୍ଗୁଲା ବି ଲାଗସି




ତାଲ ତାଲ ପାଏନ
ଆଗତୁରା ନୁ ତରକି କରି
ମନକେ ବୁଝେଇ ପାରଲେ ହେଲା
ନାଇଁ ତ ଯେତେ ଲୋକ୍ ବି
ଚୋପକାଁଣିଆ ଲଟକେଇ ହେସି ।

ମନକେ ଆକଟ କରବାର
ପଦ ମନ୍ତର ଯେ ଜାନିଛେ
ସେ ହିଁ ତ,
ଇ ସଁସାରେ ବିନା ଚୋପକାଁଣିଆ ଅଠା ଥି
ମୁନୁଷ ଭଲିଆ ବତିଶ ଇଞ୍ଚର ଛାତି ଟେକି କରି
ବାଟ ଚାଲସି;
ନାଇଁ ତ ହୁରଗୁନି ହଉଥିବା
ମରନଘାଟ କେ ଯିବାର ତକ
ଲୋକ ବି ବଲବେ
ବାରଜଞ୍ଜାଲିଆ ଲୋକଟେ ଥିଲା ହୋ
ମରିଗଲା ଯେ ତରିଗଲା,
ମୁନୁଷ ଜନମନୁ ପାର ହେଇଗଲା । ।

୨୦୧, ସତ୍ୟନଗର, ଭୁବନେଶ୍ୱର-୭

# ବିବାଦ ମଧ୍ୟରେ ଅନ୍‌ଲାଇନ୍ ବୈଠକରେ ଆମେରିକା ଏବଂ ଚୀନ୍‌ର ରାଷ୍ଟ୍ରପତି ମୁହାଁମୁହିଁ

ୱାଶିଂଟନ୍ : ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଓ ଚାଇନାର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଏକ ଅନଲାଇନ୍ ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଥିବା ବେଳେ ଦୁଇ ରାଷ୍ଟ୍ରପତି ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି । ଆମେରିକା ଏବଂ ଚୀନ୍ ମଧ୍ୟରେ ବର୍ତ୍ତମାନର ତିକ୍ତ ସମ୍ପର୍କର ପୃଷ୍ଠଭୂମିରେ ଦୁଇ ନେତା ଏହି ବୈଠକରେ ସାମିଲ୍ ହୋଇଥିଲେ । ଉତ୍ତର-ପଶ୍ଚିମ ଚାଇନାର ଉଇଗର ସମ୍ପ୍ରଦାୟର ମାନବିକ ଅଧିକାରର ଉଲ୍ଲଂଘନ, ହଂକଂରେ ଗଣତାନ୍ତ୍ରିକ ବିରୋଧକୁ ଦମନ ଏବଂ ସ୍ୱ-ଶାସିତ ତାଇୱାନ ବିରୁଦ୍ଧରେ ସାମରିକ ଆକ୍ରୋଶ ସମେତ ବେଜିଂର ବିଭିନ୍ନ ପ୍ରସଙ୍ଗରେ ବାଇଡେନ ସମାଲୋଚନା କରିଛନ୍ତି । ଏଥି ସହିତ ଜିନପିଙ୍ଗଙ୍କ



ଅଧିକାରୀମାନେ ବାଇଡେନ ପ୍ରଶାସନକୁ ଟାର୍ଗେଟ କରି ଚୀନ୍‌ର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଛନ୍ତି ।

# ନନ୍ଦନକାନନରେ ଚାଲିବ ଟୟ ଟ୍ରେନ୍



ଭୁବନେଶ୍ୱର, (ନିପ୍ର) : ନନ୍ଦନକାନନରେ ପୁଣି ଟୟ ଟ୍ରେନ୍ ଚାଲିବ ବୋଲି ସୂଚନା ମିଳିଛି । ପୁଣି ଥରେ ଟୟ ଟ୍ରେନ୍ ଚାଲିବା ସୂଚନା ମିଳିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଦିନକୁ ୬ ଥର ଟୟ ଟ୍ରେନ୍ ଚାଲିବାକୁ ନିଷ୍ପତ୍ତି ନିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ୧୦ଟାରୁ ଟୟ ଟ୍ରେନ୍ ଚାଲିବା ଆରମ୍ଭ ହେବ । ଏଥିରେ ଗୋଟିଏ ଥରେ ଅତି ବେଶୀରେ ୭୨ ଜଣ ଯାଇପାରିବେ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି । ପ୍ରତି ୧ ଘଣ୍ଟା ବ୍ୟବଧାନରେ ଅର୍ଥାତ୍ ଦିନ ୧୧ଟା, ୧୨ଟା, ୧ଟା, ୨ଟା, ୩ଟା ଓ ଅପରାହ୍ନ ୪ଟାରେ ଚାଲିବ ଏହି ଟୟ ଟ୍ରେନ ବୋଲି ଜଣାପଡିଛି ।

# ମେଗା ସ୍ୱାସ୍ଥ୍ୟ ଶିବିର ସହ ତିନି ଦିନିଆ ଶିଶୁମେଳା ଉଦ୍‌ଯାପିତ

ରେଢ଼ାଖୋଲ, (ନିପ୍ର) : ନିର୍ଭୟ ପବ୍ଲିକେଶନ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମନିଷ ଅନୁରାଗ (ଗୁଡ୍ଡୁ)ଙ୍କ ସ୍ମୃତିରେ ଅଗ୍ରଣୀ ଅନୁଷ୍ଠାନ ସାରା ଓଡ଼ିଶା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଗୌରଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ତିନି ଦିନିଆ ଶିଶୁମେଳାର ଗତକାଲି ଥିଲା ତୃତୀୟ ଦିନ । ପ୍ରଥମ ଦିନରେ ପିଲାଙ୍କୁ ରଙ୍ଗ, ତୂଳି ଓ କାନଭାସ ଦେଇ କୁହାଯାଇଥିଲା ସ୍ୱପ୍ନକୁ ଆଙ୍କିବାକୁ । ପିଲାଏ କିଏ ଭଲ ଡାକ୍ତରଖାନା ଆଙ୍କିଥିଲେ ତ' କିଏ ସବୁଜ ସୁନ୍ଦର ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଉନ୍ନତ ହେବାର ଚିତ୍ର ଆଙ୍କିଥିଲେ । ଦ୍ୱିତୀୟ ଦିନରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର ବିଷୟ ଥିଲା 'ନିଜ ସ୍ୱପ୍ନ ବିଷୟରେ କୁହ' । ଛାତ୍ରଛାତ୍ରୀଙ୍କ ମନର କଥା ପ୍ରକାଶ କରିବାରେ ଏହା ଏକ ସୁନ୍ଦର ସୁଯୋଗ ସୃଷ୍ଟି କରିଥିଲା । ସେମାନେ ଡାକ୍ତର, ସୈନିକ, ଇଂଜିନିୟର, ସମାଜସେବକ ହୋଇ ଦେଶର ସେବା କରିବୁ ବୋଲି କହିଥିଲେ । ବକ୍ତୃତା ପ୍ରତିଯୋଗିତାର ଶେଷରେ ସାରା ଓଡ଼ିଶା ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଚିବ ମାନିନୀ ମିଶ୍ର । ମନିଷ ଅନୁରାଗ କେବଳ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁତ୍ର ନଥିଲେ ସେ ଛୋଟବଡ, ଧନୀ ଗରିବ ସମସ୍ତଙ୍କୁ ସମ୍ମାନ ଦେଇ ଭଲପାଇବା ବାଣ୍ଟୁଥିବା ସଦା ହସହସ ଚେହେରାର ଯୁବକ ଥିଲେ । ପିଲାମାନେ ତମେମାନେ ବି ଭଲ ମଣିଷ ହୁଅ, ସମସ୍ତଙ୍କ ଚେହେରାରେ ହସବାଣ୍ଟ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନ, ମନିଷ ଅନୁରାଗଙ୍କ ସ୍ମୃତିଚାରଣ କରି ସାରା ଓଡିଶା ଫାଉଣ୍ଡେସନ ଟ୍ରଷ୍ଟର ମନିଷ ଅନୁରାଗଙ୍କ ସ୍ମୃତିରେ ଆୟୋଜିତ ତିନି ଦିନିଆ ଶିଶୁମେଳା ପରି ପରିକଳ୍ପନାକୁ ସାଧୁବାଦ ଜ୍ଞାପନ କରିଥିଲେ । ସାରା ଓଡ଼ିଶା ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଡାକ୍ତର ରାମକୃଷ୍ଣ ପତି ପିଲାଙ୍କର ସର୍ବାଙ୍ଗୀନ ବିକାଶ




ଆମର ଲକ୍ଷ୍ୟ ବୋଲି କହି ମନିଷ ଅନୁରାଗ ପରି ନିଜର କେହି ଅଦିନରେ ଚାଲି ନଯାଆନ୍ତୁ କହିଥିଲେ । ଦ୍ୱିତୀୟ ଦିନ ଶେଷରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ଫଳ ପ୍ରକାଶ କରାଯାଇଥିଲା । ଚିତ୍ରାଙ୍କନରେ ହେଲେନ ବିଶ୍ୱାଲ, ପ୍ରଥମ, ସରସ୍ୱତୀ ସାଏ ଦ୍ୱିତୀୟ, ହର୍ଷ ପ୍ରଧାନ ଓ ସୂର୍ଯ୍ୟକାନ୍ତୀ ଅମାତ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ଥଳେ ବକ୍ତୃତାରେ ସୂର୍ଯ୍ୟକାନ୍ତୀ ଅମାତ ପ୍ରଥମ, ଶିବାନୀ ପ୍ରଧାନ ଦ୍ୱିତୀୟ, ସୁପ୍ରିୟା ମହାନା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଛାତ୍ର, ଛାତ୍ରୀଙ୍କୁ ମାନପତ୍ର ଓ ଦରକାରୀ ପୁସ୍ତକ ପୁରସ୍କାର ଦିଆଯାଇଥିଲା । ତୃତୀୟ ଦିନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ରାମକୃଷ୍ଣ ପତି ଛାତ୍ରଛାତ୍ରୀଙ୍କ ଓଜନ, ଉଚ୍ଚତା, ଦେଖି ଆବଶ୍ୟକ ଆଇରନ କ୍ୟାଲସିୟମ, ମଲ୍‌ଟି ଭିଟାମିନ, ଏପିଟାଇଜର୍ ତଥା ଔଷଧ, ଜର ଆଣ୍ଟିବାୟୋଟିକ୍ ଇତ୍ୟାଦି ଦେଇ ଔଷଧ କିପରି ଖାଇବେ ବୁଝେଇ ଦେଇଥିଲେ, ସ୍ୱାସ୍ଥ୍ୟର ଯତ୍ନ ପାଠପଢ଼ାରେ କିପରି ଜରୁରି ତାହା ମଧ୍ୟ ବୁଝାଇଥିଲେ । ଅନେକ ଛାତ୍ରଛାତ୍ରୀଙ୍କ ବିଏମ୍‌ଆଇ ନିରାଶଜନକ ଥିବାବେଳେ ହାତଗଣତି ଛାତ୍ରଛାତ୍ରୀଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ସାହିତ କରିଥିଲେ ଡାକ୍ତର ପତି । ସ୍ୱାସ୍ଥ୍ୟମେଳା ଶେଷରେ ଛାତ୍ରଛାତ୍ରୀମାନେ ମନିଷ ଅନୁରାଗଙ୍କ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ସହ, ବରିଷ୍ଠ ସାମ୍ବାଦିକ ନବୀନ ଦାସ ବାବା ଓ ମମତା ଦାସ ମାତାଙ୍କ ଉଦ୍ଦେଶ୍ୟରେ ନିଜ କୋମଳମନର ଆନ୍ତରିକତା ଜଣାଇଥିଲେ । ଶେଷରେ ପ୍ରତିଷ୍ଠାତା ମାନିନୀ ମିଶ୍ର, ମନିଷ ଅନୁରାଗଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ତିନିଦିନିଆ ଶିଶୁମେଳାକୁ ସଫଳ କରିଥିବାରୁ ଡାକ୍ତର ହିମାଂଶୁ ଶେଖର ଦାଶ, ଜଗସନ ପାଲର, ଶୁସିଲ ଭୋଇ, ମେନକାଇଣ୍ଡ ରିକଭରି ଡିଭିଜନର ଶ୍ରୀକାନ୍ତ ପାତ୍ର, ରଞ୍ଜିତ ବେହେରା, ସ୍କୁଲର ଶିକ୍ଷକ ରାଜୀବ ଲୋଚନ ଚାନ୍ଦ, ପ୍ରମୋଦ ପ୍ରଧାନ, ସୁବ୍ରତ ବେହେରା, ଅରବିନ୍ଦ ପ୍ରଧାନ, ସୁକାନ୍ତ ପ୍ରଧାନ, ଶିକ୍ଷୟତ୍ରୀ ସୁସ୍ମିତା ପ୍ରଧାନ, ନମିତା ପ୍ରଧାନ, ଜତନି ମାଝୀ, ଝରଣା ସାହୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଗକୁ ଛାତ୍ରଛାତ୍ରୀଙ୍କ ସହ ସଂପର୍କ ରଖିବୁ ବୋଲି କହିଥିଲେ ।

# ଡ୍ରିମ ଟିମ୍ ଫାଉଣ୍ଡେସନ୍‌ର ଷଷ୍ଠ ଉତ୍ସାହ ୨୦୨୧ ସଂପନ୍ନ



ରାଉରକେଲା, (ନିପ୍ର) : ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଶିଶୁ ଦିବସ ଉପଲକ୍ଷେ ଡ୍ରିମ ଟିମ୍ ଫାଉଣ୍ଡେସନର ଷଷ୍ଠ ଉତ୍ସାହ ୨୦୨୧ କାର୍ଯ୍ୟକ୍ରମ ସିଭିଲଟାଉନସିପ୍ ପାଣିଗ୍ରାହୀ କମ୍ପ୍ଲେକ୍ସଠାରେ ପାଳିତ ହୋଇଯାଇଛି । ଡ୍ରିମ ଟିମ୍‌ର ଅଧ୍ୟକ୍ଷ ଅମୀୟ ଦାସ ଓ ଟ୍ରଷ୍ଟି ପଦ୍ମିନୀ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ତଥା ଆଖପାଖରେ ଥିବା ଦିବ୍ୟାଙ୍ଗଙ୍କ ଉଦ୍ଦିଷ୍ଟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ରଚନା, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ବାସ୍କେଟବଲ, ଥ୍ରୋ ବଲ, ଦଉଡିଡିଆଁ, ପାତ୍ରକୁ ଲକ୍ଷ୍ୟଭେଦ ଭଳି ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଲାଠିକଟାର ଡ୍ରିମ ନିୟୁ ସ୍କୁଲ, ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟ, ସେକ୍ଟର ୧୬ ଶ୍ରଦ୍ଧା, ସେକ୍ଟର ୭ ରାଉରକେଲା ସ୍କୁଲ ଅଫ୍ ଡିଫ୍, ଛେଣ୍ଡର ଆଶାଦୀପର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଅନିଲ ମଲ୍ଲିକ ଓ ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ କିଶୋରୀ ଦାଶ, ଡା.ସଂଜୟ ବଂଶଲ, ଆଇଆଇପିଏମ୍‌ର ନିର୍ଦ୍ଦେଶକ ଡଃ ସୁଦୀପ୍ତ ଘୋଷ, ସମାଜସେବୀ ଆଫ୍‌ରୋଜ ଅହମ୍ମଦ, ଲକି ଠକରାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ।ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଅଜୟ ପ୍ରଧାନ, ମହେନ୍ଦ୍ର ମହାନ୍ତି, ସୁଦୀପ୍ତ ଜେନା, ଆଦିତ୍ୟ ବେହେରା, ମୀନତି ବାରିକ, ଲିଜିନା ନାୟକ, ସ୍ୱାତୀ ସାମଲ, ସନ୍ତୋଷ ସହାୟ ପ୍ରମୁଖ ସହଯୋଗ କରିଥିବା ବେଳେ ବିକାଶ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋଦୀ ଜୀ, ଆପଣଙ୍କ ଉଦ୍ଦେଶ୍ୟ ଏବଂ ପରିବର୍ତ୍ତିତ ମନୋଭାବକୁ ବିଶ୍ୱାସ କରିବା କଷ୍ଟକର : ପ୍ରିୟଙ୍କା ଗାନ୍ଧୀ

ନୂଆଦିଲ୍ଲୀ : ନିର୍ବାଚନରେ ଆସୁଥିବା ପରାଜୟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିନୋଟି କେନ୍ଦ୍ରୀୟ କୃଷି ଆଇନକୁ ରଦ୍ଦ କରିବା ପାଇଁ ଘୋଷଣା କରିବା ପରେ ଶୁକ୍ରବାର ଦିନ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ କଟାକ୍ଷ କରିଛନ୍ତି ।

କଂଗ୍ରେସର ସାଧାରଣ ସଂପାଦକ କହିଛନ୍ତି ଯେ, ମୋଦୀ ଜୀ ଆପଣଙ୍କ ଉଦ୍ଦେଶ୍ୟ ଏବଂ ପରିବର୍ତ୍ତିତ ମନୋଭାବକୁ ବିଶ୍ୱାସ କରିବା କଷ୍ଟକର । ସେ ଟୁଇଟ୍ କରି କହିଛନ୍ତି, ୬୦୦ରୁ ଅଧିକ ଚାଷୀଙ୍କ ଶହୀଦ ହେବା, ୩୫୦ ଦିନରୁ ଅଧିକ ଦିନର ସଂଘର୍ଷ, ମନ୍ତ୍ରୀଙ୍କ ପୁଅ ଚାଷୀଙ୍କୁ ଗାଡ଼ିରେ ଦଳି ମାରିଦେବା ଭଳି ଘଟଣା ପ୍ରତି ଆପଣ ଦୃଷ୍ଟି ଦେଉନାହାଁନ୍ତି । ଆପଣଙ୍କ ଦଳର ନେତାମାନେ କୃଷକମାନଙ୍କୁ ଅପମାନିତ କରି ସେମାନଙ୍କୁ ଆତଙ୍କବାଦୀ, ଦେଶଦ୍ରୋହୀ, ଗୁଣ୍ଡା ବୋଲି କହିଥିଲେ, କିନ୍ତୁ ଆପଣ ନିଜେ ଆନ୍‌ଦୋଳନକାରୀ ବୋଲି କହିଛନ୍ତି । ଏଣୁ ଆପଣଙ୍କୁ ବିଶ୍ୱାସ କରିବା କଷ୍ଟକର ।



# ବର୍ଷା ଜଳ ଅମଳ ଓ ଭୂତଳ ଜଳ ଭରଣ ସମ୍ପର୍କିତ ତାଲିମ



କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଟେର୍ଚ୍ଚାପଲାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ବୁଧବାର ବର୍ଷା ଜଳ ଅମଳ ଓ ଭୂତଳ ଜଳ ଭରଣ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସାଧନ କର୍ମୀ ଭାବେ ଦେବେନ୍ଦ୍ର ମହାଲିଙ୍ଗ ଯୋଗଦେଇ ବର୍ଷାପାଣିକୁ କିପରି ସଠିକ୍ ବ୍ୟବହାର କରାଯାଇ ପାରିବ ସେ ଉପରେ ବିଭିନ୍ନ କୌଶଳଗୁଡିକ ଉପରେ ଆଲୋଚନା କରିଥିଲେ ।

ଏଥିରେ ବିଭିନ୍ନ ଗାଁରୁ ତିରିଶରୁ ଅଧିକ ପୁରୁଷ ମହିଳା ଚାଷୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ସାହୁ, ସାମନ୍ତ ଦୀପ, ନନ୍ଦି କିଶୋର ମାଝୀ, ଗୋପୀନାଥ ମାଝୀ, ଆକାଶୀ ମାଝୀ, ଦୀପ୍ତିରେଖା ମାଝୀ, ଦେବଶ୍ରୀ ମାଝୀ, ପୁଷ୍ପା ଭୋଇ, ସସ୍ମିତା କୁମାର, ପ୍ରତିମା ଜାଲ, ଦିବ୍ୟା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ଗୋଷ୍ଠୀ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୧ ଆୟୋଜିତ



ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଗୋଷ୍ଠୀ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । କରୋନା ମହାମାରୀ କବଳରୁ କିଛି ମାତ୍ରାରେ ଆଶ୍ୱସ୍ତ ମିଳିଥିବାରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ କେବଳ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କୁ ନେଇ ପ୍ରଥମେ ବିଦ୍ୟାଳୟ ସ୍ତରୀୟ ଏବଂ ପରେ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବ୍ଲକର ପ୍ରାୟ ୬୦ରୁ ଅଧିକ ବିଦ୍ୟାଳୟମାନଙ୍କରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ବକ୍ତୃତା, ରଚନା, ଚିତ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ, ଦିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାକୁ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ବଳରାମ ବେହେରା ଓ ନୂଆ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁକାବତୀ ସାହାଣୀ ଉଦ୍‌ଘାଟନ କରିଥିଲେ ଏବଂ ଉଦ୍‌ଯାପନ ଉତ୍ସବରେ ଯୋଗଦେଇ ବାଲିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ମଧୁସୂଦନ ମହାପାତ୍ର ଓ ଶ୍ରୀମତୀ ରେଣୁକାବତୀ ସାହାଣୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବାଲିଗୁଡ଼ା ବ୍ଲକର ସମସ୍ତ ସିଆରସିସି, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ସଫଳତା ପୂର୍ବକ ଶେଷ ହୋଇଥିଲା ।

# ବରଗଡ଼ ମ୍ୟୁନିସିପାଲିଟିର ୱାର୍ଡ ସଂଖ୍ୟା ବୃଦ୍ଧି ପାଇଁ ଭାଜପାର ଦାବୀପତ୍ର ପ୍ରଦାନ




ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲାର ମାନ୍ୟତା ପାଇବା ପରେ ଲୋକଙ୍କ ସଂଖ୍ୟା ବହୁତ ବୃଦ୍ଧି ପାଇଛି ଓ ଭୋଟରଙ୍କ ସଂଖ୍ୟା ମଧ୍ୟ ସେହି ଅନୁସାରେ ବଢ଼ିଛି । ହେଲେ ୱାର୍ଡ ସଂଖ୍ୟା ବୃଦ୍ଧି ହୋଇନାହିଁ । ଭୋଟର ଓ ଲୋକ ସଂଖ୍ୟା ଦୃଷ୍ଟିରୁ ୧୯ଟି ୱାର୍ଡରୁ ୩୦ଟି ହେବା ଦରକାର ବୋଲି ଭାଜପା ପକ୍ଷରୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ସହର ସଂଲଗ୍ନ ପଞ୍ଚାୟତଗୁଡିକ ଏବେ ସହର ପାଲଟି ଗଲାଣି । ତୋରା, ଧାଙ୍ଗେର, ବରଡୋଲ, ଖଲିଆପାଲି ପଞ୍ଚାୟତ ଗୁଡିକରେ ନୂଆଁ ବରଗଡ଼ ସ୍ଥାପିତ ହେଲାଣି । ତୋରା ଏକ ବଡ଼ ପଞ୍ଚାୟତ ଅଟେ । ଆୟତନ ଓ ଲୋକ ସଂଖ୍ୟା ଦୃଷ୍ଟିରୁ ଏକ ଏନ୍ଏସି ସହ ସମାନ ଅଟେ । ଏହି ଅଞ୍ଚଳରେ ସହରର ଜନଜୀବନ ଲମ୍ଫି ଚାଲିଛି । ସେହିପରି ଧାଙ୍ଗେର ପଞ୍ଚାୟତ ଅଞ୍ଚଳରେ ମଧ୍ୟ ନୂଆଁ ବସତି ବସିଲାଣି । ବରଡୋଲ ଓ ଖଲିଆପାଲି ପଞ୍ଚାୟତ ଗୁଡିକରେ ନୂତନ ଘର, କମ୍ପ୍ଲେକ୍ସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନିର୍ମାଣ ହେବାକୁ ଥିବା କ୍ୟାନ୍ସର କେୟାର ସେଣ୍ଟର, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପ୍ରମୁଖ ରହିଛି । ଏହି ଅନୁପାତରେ ଲୋକମାନଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି । ଆସନ୍ତା ଦିନରେ ରାଜ୍ୟ ସରକାର ଏଥିପ୍ରତି ଚିନ୍ତା କରିବା ଆବଶ୍ୟକ ଅଟେ । ଭାଜପା ପ୍ରତିନିଧି ଦଳ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ଅକ୍ରୁର ମଲ୍ଲିକ୍, ସୁରେଶ୍ୱର ଶତପଥୀ, ରବିନାରାୟଣ ଦାଶ, ଅଶୋକ ପଣ୍ଡା ଓ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

# ମାରୱାଡ଼ି ମହିଳା ଗୋଷ୍ଠୀ ଦ୍ୱାରା ସାମୁହିକ ଏକାଦଶୀ ଉଦ୍‌ଯାପନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଦେଓଗାଁ, (ନିପ୍ର) : ଅଖିଳ ଭାରତୀୟ ମାରୱାଡ଼ି ମହିଳା ଗୋଷ୍ଠୀର ଅଧ୍ୟକ୍ଷା ଶ୍ରୀମତୀ ନିରୁ ଅଗ୍ରୱାଲଙ୍କ ନେତୃତ୍ୱରେ ସାମୂହିକ ଏକାଦଶୀ ଉଦ୍ୟାପନ କାର୍ଯ୍ୟକ୍ରମ ବଲାଙ୍ଗିରରେ ଉଦଯାପିତ ହୋଇଯାଇଛି । ତେଣୁ ଉଦ୍ୟାପନ୍ ପାଳନ କାର୍ଯ୍ୟକ୍ରମରେ ବାଲାଙ୍ଗିର ସହର ସହ ଭୁବନେଶ୍ୱର, ବରଗଡ, ଦେଓଗାଁ, କଟାବାଞ୍ଜି, ଚନ୍ଦନଭାଟିର ଶତାଧିକ ଜାତିଭାଇମାନେ ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ନଭେମ୍ବର ୧୪ରେ ସ୍ଥାନୀୟ ସରକାରୀ ଡାକ୍ତରଖାନା ନିକଟରେ ଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ପଣ୍ଡିତମାନଙ୍କୁ ପ୍ରଥମେ ଫଳ ପ୍ରସାଦ ସହିତ ନିମନ୍ତ୍ରଣ କରାଯାଇଥିଲା । କଳସ ଯାତ୍ରା, ଉଜାଗର, ଭଜନ ସନ୍ଧ୍ୟା ଏବଂ ପାରାୟଣ କାର୍ଯ୍ୟକ୍ରମ ପଣ୍ଡିତଙ୍କ ଉପସ୍ଥିତିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା । ନଭେମ୍ବର ୧୫ରେ ପ୍ରାୟ ୨୧ଜଣ ବିବାହିତ ଦମ୍ପତି ପୂଜା କାର୍ଯ୍ୟକ୍ରମରେ ବସିଥିଲେ । ଏଥିରେ ଗୋ-ଦାନ, ସୁନା ଦାନ, ରୂପା ଦାନ, ଖାଦ୍ୟ ଦାନ ସମେତ ସମସ୍ତ ପୂଜାପାଠ କାର୍ଯ୍ୟ ଆଇନ ଅନୁଯାୟୀ କରାଯାଇଥିଲା । ୫୭ଜଣ ପଣ୍ଡିତ ଏବଂ ପ୍ରାୟ ୬ଶହ ଭକ୍ତଙ୍କୁ ସାମୁହିକ ପ୍ରସାଦ ଅର୍ପଣ କରାଯାଇଥିଲା । କମିଟିର ସବିତା ଅଗ୍ରୱାଲ, କମଳା ଅଗ୍ରୱାଲ, ବବିତା ଅଗ୍ରୱାଲ, ଅନୀତା ଚୌଧୁରୀ, ରୁକ୍ମା ଅଗ୍ରୱାଲ, ମମତା ଅଗ୍ରୱାଲ, କୋଶଳ ଅଗ୍ରୱାଲ, ମୀନା ଚୌଧୁରୀ, ଅନୀତା ଅଗ୍ରୱାଲ, ନିର୍ମଳା ଜୈନ, ସଞ୍ଜୁ ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ସନ୍ତୋଷ ଜୈନ, ସବିତା ଜୈନ, ବସନ୍ତି ଅଗ୍ରୱାଲ, କ୍ରିଷ୍ଣା ଅଗ୍ରୱାଲ, କଳ୍ପନା ଅଗ୍ରୱାନ, ରେଣୁ ଅଗ୍ରୱାଲ, ଚମେଲି ଅଗ୍ରୱାଲ, ମୀରା କେଜ୍ରିୱାଲ, ସୁଧା ଅଗ୍ରୱାଲଙ୍କ ସହ ସମସ୍ତ ଭଉଣୀ ଓ ଗଜାନନ ଅଗ୍ରୱାଲଙ୍କ ସହଯୋଗରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି ।

# ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋଏସନ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ



ତାଳଚେର, (ନିପ୍ର) : ଗଣତନ୍ତ୍ରକୁ ବିପତ୍ତି ପଡିଥିବା ବେଳେ ଗଣମାଧ୍ୟମ ହିଁ ଏହାକୁ ସଜାଡିବାରେ ଭୂମିକା ନେଇଛି । ଏବେ ବି ଗଣତନ୍ତ୍ର ଉପରେ ବାରମ୍ବାର ବିପଦ ଆସିବା ସହ ଅର୍ଥନୀତି କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି । ଏହି ସନ୍ଧିକ୍ଷଣରେ ଗଣମାଧ୍ୟମ ଜାଗ୍ରତ ପ୍ରହରୀ ସାଜି ଗଣତନ୍ତ୍ରକୁ ପରିପୁଷ୍ଟ କରିବାରେ ଭୂମିକା ନେଇପାରିବ । 'ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋଏସନ୍ ପକ୍ଷରୁ ତାଳଚେର ସଭାଘରଠାରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସରେ ଅତିଥିମାନେ ଏପରି ବକ୍ତବ୍ୟ ରଖିଛନ୍ତି । ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋଏସନ୍‌ର କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ପାଛୋଟି ଆଣିଥିଲେ । ସଭାପତି ଆର୍ତ୍ତତ୍ରାଣ ପାଣିଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଏମ୍ ରଜନୀକାନ୍ତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଓଡିଶା ରିପୋର୍ଟର ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ଅଂଶଗ୍ରହଣ କରିଥିଲେ ।

ମଞ୍ଚରେ ବସିଥିବା ନିମନ୍ତ୍ରିତ ଅତିଥିଙ୍କ କର୍ମକର୍ତ୍ତାମାନେ ଉପଢୌକନ ଶହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋଏସନ୍ ସାଧାରଣ ସମ୍ପାଦକ ଦେବରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନ କରିଥିଲେ । ଆଜକୁ ୧୩ବର୍ଷ ଧରି ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋଏସନ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ କରିଆସୁଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳ, ରାଜ୍ୟର ବଛା ବଛା ସାମ୍ବାଦିକତା, ସମାଜ ସେବା, ଖେଳକୁଦ, ସାହିତ୍ୟ ରଚନା ତଥା ଅନ୍ୟାନ କାର୍ଯ୍ୟରେ କୃତି ହାସଲ କରିଥିବା ବ୍ୟକ୍ତିମାନଙ୍କୁ ଫୋର୍ଥ ପିଲର ଆୱାଡ଼ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଓଟିଭି ମନୋରଞ୍ଜନ ଯୋଶୀ ଅର୍ଘସ ଟିଭି ଚ୍ୟାନେଲର ନିୟୁଜ୍ ଆଙ୍କର ଅପୂର୍ବ ପଣ୍ଡା, ଅନଗୁଳ ଜିଲ୍ଲା ସମ୍ବାଦ ପ୍ରତନିଧି ତଥା ବରିଷ୍ଠ ସାମ୍ବାଦିକ ପତିତପାବନ ସାହୁ, ହାତୀ ସହ ଲଢ଼େଇ କରି ଓଟିଭିର ନୀର୍ଭୀକ କ୍ୟାମେରାମ୍ୟାନ ପ୍ରଭାତ ସିନା, ଅନଗୁଳ ଧରାିତ୍ରି ଖବର କାଗଜର ଫଟୋଗ୍ରାଫର ଜୋତିରଞ୍ଜନ ସାହୁଙ୍କୁ ଫୋର୍ଥ ପିଲର୍ ଆୱାଡ଼ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଜାତୀୟ ପ୍ରେସ ଦିବସ ଅବସରରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଓ ଗରିବ ପିଲାଙ୍କୁ ପାଠପଢା ଉପକରଣ ପ୍ରଦାନ କରାଯାଇଥିଲା । ଗଣତନ୍ତ୍ରର ୪ଟି ସ୍ତମ୍ଭ ମଧ୍ୟରୁ ଯଦି ଗୋଟିଏ ବି ସ୍ତମ୍ଭ ଦୁର୍ବଳ ହୁଏ, ତେବେ ଗଣତନ୍ତ୍ର ଦୁର୍ବଳ ହୋଇଯିବ । ତେବେ ସାମ୍ବାଦିକମାନେ କର୍ମ କ୍ଷେତ୍ରରେ ଥିବା ସମୟରେ ନିରାପତ୍ତା ଏକ ଆହ୍ୱାନ ପାଲଟିଛି । ଏଥିପାଇଁ ସାମ୍ବାଦିକମାନଙ୍କୁ ଏକାଠି ହୋଇ ମିଳିତ ସ୍ୱର ଉଠାଇବାକୁ ପଡିବ ବୋଲ ମୁଖ୍ୟ ଅତିଥି ବକ୍ତ୍ୟବ ମାଧ୍ୟମରେ ପ୍ରକାଶ କରିଥିଲେ । ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ସାମ୍ବାଦିକମାନେ ଜନସ୍ୱାର୍ଥ ପାଇଁ ଲଢେଇ କରୁଛନ୍ତି । ଗଣତନ୍ତ୍ରରେ ସାମ୍ବାଦିକମାନଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ସାମ୍ବାଦିକମାନେ ନ ଥିଲେ ସମ୍ଭବତଃ ସମାଜରେ ଅରାଜକତା ବୃଦ୍ଧି ପାଉଥାନ୍ତା ବୋଲି ମୁଖ୍ୟ ବକ୍ତା ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋଏସନ୍ କାର୍ଯ୍ୟକାରୀ ସଭାପତି ମନିଲ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ମଦନ ମୋହନ ସାହୁ, ସାଧାରଣ ସମ୍ପାଦକ ଦେବରଞ୍ଜନ ସାମଲ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମହାରଣା, ମନିଲ ମହାରଣା, କୋଷାଧ୍ୟକ୍ଷ ଅଜୟ ନାୟକ, ଜନ ସମ୍ପର୍କ ଅଧିକାରୀ ବାସୁଦେବ ପ୍ରଧାନ, ସାୟଦ ଜୁଲଫିକର ହୁସେନ, ବାପୁଜୀ ସାମଲ, ମଣ୍ଟୁ ମହାନ୍ତି, ସୌଭାଗ୍ୟ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କୋରନା ମହାମାରୀ ସମୟରେ ଗଞ୍ଜାମ ଜିଲ୍ଲାର ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ : ଜିଲ୍ଲାପାଳ



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଛତ୍ରପୁରସ୍ଥିତ ଶିବ କୁମାର ପଟ୍ଟନାୟକ ରିଡିଂ-ରୁମ୍ ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମ ଜିଲ୍ଲାରେ ନିୟୋଜିତ ସାମ୍ବାଦିକଙ୍କ ଭୂମିକା ବେଶ ପ୍ରଶଂସନୀୟ ବୋଲି କହିଥିଲେ । ଗଞ୍ଜାମ ଜିଲ୍ଲାରେ କୋରନାର ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ଆରମ୍ଭ ହୋଇଥିବା ବେଳେ ନିଜକୁ ବାଜି ଲଗାଇ ନିଜ କାର୍ଯ୍ୟ କରି ଖବର ପ୍ରସାରଣ କରିଆସିଥିବା ସାମ୍ବାଦିକ ଗଣ ଏହି ବିଶ୍ୱ ମହାମାରୀ ସମୟରେ ଯେଉଁଭଳି ଭାବରେ ବିପଦକୁ ଖାତିର୍ ନକରି କାର୍ଯ୍ୟକରି ଲୋକଙ୍କୁ ସଚେତନତାର ବାର୍ତ୍ତା ପହଞ୍ଚାଇଥିଲେ ତାହା ପ୍ରଶଂସାର ପାତ୍ର । ଏ ଦିଗରେ ସେମାନଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ ତାହା କମ୍ ହେବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ଏହି ଉପଲକ୍ଷେ "ବିଶ୍ୱ ମହାମାରୀ ପରିପ୍ରେକ୍ଷୀରେ ଗଣ ମାଧ୍ୟମ : ଏକ ନୂତନ ଆହ୍ୱାନ" ଶୀର୍ଷକ ଉପରେଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ଓ ଗଣମାଧ୍ୟମ ସହଯୋଗୀ ଅରୁଣ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସାମ୍ବାଦିକ ଓ ଗଣ-ଯୋଗାଯୋଗ ବିଭାଗର ଅଧ୍ୟାପକ ଡା. ଭି. ରାଜେନ୍ଦ୍ର ରାଜୁ ମହାମାରୀ ସମୟରେ ସାମ୍ବାଦିକଙ୍କ ଭୂମିକାକୁ ଭୁୟସୀ ପ୍ରସଂଶା କରିଥିଲେ ଏବଂ ସାମ୍ବାଦିକଙ୍କ କର୍ତ୍ତବ୍ୟ ନିରପେକ୍ଷତା ଅବଲମ୍ବନ ସମ୍ପର୍କରେ ବିଷଦ୍ ଭାବେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଓ ଟିଭି ଜିଲ୍ଲା ପ୍ରତିନିଧି ଅଶୋକ କୁମାର ବ୍ରହ୍ମା, ଓଡିଶା ବାର୍ତ୍ତାର ମୁଖ୍ୟ ମନୋଜ କାନ୍ତ ଦାଶ, ଇ- ଟିଭି ପ୍ରତିନିଧି ସମୀର କୁମାର ଆଚାର୍ଯ୍ୟ, ନକ୍ଷତ୍ର ଟିଭି ପ୍ରତିନିଧି ଇତିଶ୍ରୀ ମହାନ୍ତି, ପର୍ଯ୍ୟଟନ ଭାରତର ସମ୍ପାଦକ ନାରାୟଣ ମହାଙ୍କୁଡ, ସାମ୍ବାଦିକ ରବିନ୍ଦ୍ର କୁମାର ପଣ୍ଡା, ଶବର ତରେଇ, ପ୍ରଶାନ୍ତ କୁମାର ମହାରଣା, ସନ୍ତୋଷ କୁମାର ପାଢୀ, କୃପାସିନ୍ଧୁ ପଣ୍ଡା ଏବଂ ବରିଷ୍ଠ ନାଗରିକ ଭାନୁହଂସ ପଣ୍ଡା ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ ।

ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଏହି ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଉପସ୍ଥିତ ଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛତ୍ରପୁରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ସାମ୍ବାଦିକ ଭବନରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଚଞ୍ଚଳ ରାଣା, ସମ୍ମାନିତ ଅତିଥି ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି ଓ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. କୁବେର ଚନ୍ଦ୍ର ମହନ୍ତ ଯୋଗଦାନ କରିଥିଲେ । ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବଳରାମ ମିଶ୍ର ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ । କରୋନା ସଂକ୍ରମଣ ସମୟରେ ଗଣମାଧ୍ୟମ ଏକ ଗୁରୁ ଦାୟିତ୍ୱ ବହନ କରିଥିଲା, ଯାହାକି ଲୋକଙ୍କୁ ସଚେତନ କରାଇବା ତଥା ସଂକ୍ରମଣକୁ ରୋକିବା ଦିଗରେ ବେଶ୍ ସହାୟକ ହୋଇଥିଲା ବୋଲି ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଣା ମତପ୍ରକାଶ କରିଥିବା ବେଳେ ଗଣମାଧ୍ୟମ ପକ୍ଷରୁ ସର୍ବଦା ସହଯୋଗ କାମନା କରିଥିଲେ । ଚଳିତ ବର୍ଷ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ 'କରୋନା ସମୟରେ ଗଣମାଧ୍ୟମ : ଏକ ନୂତନ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁ ନିର୍ଦ୍ଧାରଣ କରିଥିବା ବେଳେ ଏହି ଶୀର୍ଷକରେ ଅତିଥିମାନଙ୍କ ସହ ସାମ୍ବାଦିକ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି, ସୁଧିର କୁମାର ମିଶ୍ର, ଦୀପକ ପୁରୋହିତ, ରଘୁନନ୍ଦନ ସିଂ, ବିଭୂପ୍ରସାଦ ଗଡତ୍ୟା, ଚିତ୍ତ ରଂଜନ ମିଶ୍ର, ତରୁଣ ସାହୁ, ଶ୍ରୀବାସ ନାଏକ, ଅଭିଳାଷ ହୋତା ପ୍ରମୁଖ ଆଲୋଚନା କରିଥିଲେ । ସାମ୍ବାଦିକମାନଙ୍କ ଆଲୋଚନାରେ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଥିବା ସ୍ୱାସ୍ଥ୍ୟ ବୀମା ରାଶି ୨ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ମତ ପ୍ରକାଶ ପାଇଥିଲା । ଏହି ସଭାରେ ସାଂଗଠାନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସୁନିଲ ମହାନ୍ତି, ପ୍ରଭାକର ମିଶ୍ର, ବିକ୍ରମାନନ୍ଦ ବହିଦାର, ନୀଳମଣି ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଳ, ସୁବାସ ପଣ୍ଡା, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ନବୀନ ପଶାୟତ, ଶରତ ମହାକୁର, ବିରେନ୍ଦ୍ର ଝାଙ୍କର, ସନ୍ଦୀପ କୁମାର କୁଅଁର, ମୁକେଶ ବହିଦାର, ଧନମତ ପାଣିଗ୍ରାହୀ, ଘଟେଶ୍ୱର ମିଶ୍ର, ଦେବାଶିଷ ମିଶ୍ର, ନୂତନ ମିଶ୍ର, ଶେଖ୍ ମହମ୍ମଦ ୱାହିଦ, ବିଜୟ ପ୍ରଧାନ, ବିଶ୍ୱଜିତ ଦାସ, ସଚିଦାନନ୍ଦ ବଗର୍ତ୍ତୀ, ନିରୋଜ ମିଶ୍ର, ଚିତ୍ତ ସାହୁ, ସୁବ୍ରତ ନାଏକ, ବିକ୍ରମ ପାତ୍ର, ମୁନା ଗୌଡ, ଗୁପ୍ତେଶ୍ୱର ପୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ପ୍ରେସ୍ ଦିବସ ଅବସରରେ ବଲାଙ୍ଗିର ଦିନ୍ ଆୟୋଜନ କମିଟି ପକ୍ଷରୁ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗିର, (ନିପ୍ର) : ଜାତୀୟ ପ୍ରେସ୍ ଦିବସ ଅବସରରେ ବଲାଙ୍ଗିର ଦିନ୍ ଆୟୋଜନ କମିଟି ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜନ କମିଟି ଆବାହକ ଜୟକୃଷ୍ଣ ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅର୍ଜୁନ କୁମାର ସାହୁ ପରିଚାଳନା କରିଥିବା ବେଳେ 'କୋଶଳ ପ୍ରବାହ'ର ସଂପାଦକ ଆନଂଦ ଚଂଦ୍ର ସାହୁ, 'ଧରିତ୍ରୀ'ର ଜିଲ୍ଲା ପ୍ରତିନିଧି ବିରେନ୍ଦ୍ର ଝାଙ୍କର, 'ପ୍ରଗତିବାଦୀ'ର ଜିଲ୍ଲା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା, 'ଓଟିଭି'ର ଜିଲ୍ଲା ପ୍ରତିନିଧି ଘଟେଶ୍ୱର ମିଶ୍ର, 'ପ୍ରମେୟ'ର ଜିଲ୍ଲା ପ୍ରତିନିଧି ମୁକେଶ ବହିଦାର ଏବଂ 'ସମାଜ' ପ୍ରତିନିଧି ବିଭୂକଲ୍ୟାଣ ଗଡ଼ତ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂପାଦକ ପ୍ରଶାନ୍ତ ମହାକୁର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାମାନେ ବଲାଙ୍ଗିର ଦିନ୍ ପାଳନର ସଫଳତା ଯୋଗୁଁ ବଲାଙ୍ଗିର ଦିନ୍ ଆୟୋଜନ କମିଟିର କମିଟିର ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ବଲାଙ୍ଗିର ଦିନ୍ ପାଳନ ସମୟରେ ସାରା ବଲାଙ୍ଗିର ଜିଲ୍ଲାର ଜନସାଧାରଣ କିଭଳି ସାମିଲ୍ ହୋଇପାରିବେ, ସେ ସଂପର୍କରେ ଆଲୋଚନା କରିଥିଲେ । ଆୟୋଜନ କମିଟି ଉପଦେଷ୍ଟା ରତନ ମହାରଣା ଏବଂ ପ୍ରଭାକର ମିଶ୍ର ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ସାଧୁବାଦ ଜଣାଇଥିଲେ । କମିଟିର ସକ୍ରିୟ ସଦସ୍ୟ ଅଙ୍କୁଶ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଚିତ୍ରଶିଳ୍ପୀ ବାସୁଦେବ ମେହେର, ଦୂତି ବାହନ ଚନ୍ଦନ, ବିକାଶ ସା, ଶଶାଙ୍କ ଶେଖର କବାଟ, ପ୍ରିୟଙ୍କା ପଟ୍ଟନାୟକ, ସୋନିଆ ବେଜ, ଉପାଧ୍ୟକ୍ଷ ବିନୋଦ କାଲସାଏ ଉପସ୍ଥିତ ଥିଲେ ।

# ୭୫ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟ ପାର୍କ ନିର୍ମାଣ ନେଇ ଉପଜିଲ୍ଲାପାଳଙ୍କ ଜମି ଚିହ୍ନଟ



କଂଟାବାଂଜି, (ନିପ୍ର) : ଓଡିଶା ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଏନ୍‌ଏସି ଏବଂ ମ୍ୟୁନିସିପାଲିଟିରେ ୭୫ ଲକ୍ଷ ଟଙ୍କାରେ ହେବାକୁ ଥିବା ସ୍ମାର୍ଟ ପାର୍କ ନିର୍ମାଣ ନେଇ କଂଟାବାଂଜି ଏନ୍‌ଏସିରେ ମଧ୍ୟ ଶୁକ୍ରବାର ଦିନ ଜମି ଚିହ୍ନଟ ହୋଇଛି । ଦୀର୍ଘ ବର୍ଷ ଧରି ତହସିଲ ଅଫିସ ପଛପଟେ ଥିବା ଓଡିଶା ଖାଦ୍ୟ ନିଗମର ପରିତ୍ୟକ୍ତ ଅବ୍ୟବହୃତ ୬ଟି ଗୋଦାମ ଗୃହ ଏବଂ ଖାଲି ପଡିଥିବା ଜମି ଉପରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ସ୍ମାର୍ଟ ପାର୍କ ପାଇଁ ଉପଜିଲ୍ଲାପାଳ ଟିଟିଲାଗଡ ତଥା ପ୍ରଶାସକ କଂଟାବାଂଜି ଏନ୍‌ଏସି ସତ୍ୟବାନ ମନୋଜ ମହାଜନ, ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀ, ତହସିଲଦାର ଯୋଗେଶ୍ୱର ଧରୁଆ, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ମ୍ୟୁନିସିପାଲ ଇଂଜିନିୟର ଅଶୋକ ପଟ୍ଟନାୟକ ସହ ତହସିଲ ଓ ଏନ୍‌ଏସିର ଆର୍‌ଆଇ ଅମିନ ଉପସ୍ଥିତ ଥିଲେ ।

# ବଲାଙ୍ଗିର ସଂସ୍କାର ଭାରତୀର ନୂତନ ଦାୟିତ୍ୱ ବଣ୍ଟନ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଚିତ୍ର ସଂଗୀତ ମହାବିଦ୍ୟାଳୟ 'କଳାଧାମ', ଟେଲିଗୋଠପଡା ବଲାଙ୍ଗିରଠାରେ କଳା ଓ ସଂସ୍କୃତିର ଉତ୍ଥାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ ସଂସ୍କାର ଭାରତୀ ବଲାଙ୍ଗିର ଶାଖାର କର୍ମକର୍ତ୍ତାମାନଙ୍କ ନୂତନ ଦାୟିତ୍ୱ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ମହାମନ୍ତ୍ରୀ ଗଦାଧର ବାରିକ ଏବଂ ଉପାଧ୍ୟକ୍ଷ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ପ୍ରମୁଖ ଅତିଥି ଭାବରେ ଯୋଗଦାନ ପୂର୍ବକ କର୍ମକର୍ତ୍ତାମାନଙ୍କୁ ନୂତନ ଭାବରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ । ଏହି କ୍ରମରେ ବାସୁଦେବ ମେହେର ସଭାପତି ଭାବେ, ପ୍ରଦୀପ ବରାଳ ଓ ମୁରଲିଧାରୀ ପତି, ଉପସଭାପତି ଭାବେ, ଦିଲ୍ଲୀପ କୁମାର ସିଂହଦେଓ ସଂପାଦକ ଭାବେ, ମଳୟ ତ୍ରିପାଠୀ ସହସଂପାଦକ, ପ୍ରଭାକର ମିଶ୍ର ଜିଲ୍ଲା ସଂଯୋଜକ ଏବଂ ମାନସ ରଞ୍ଜନ ସାହୁଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଗଲା । ଏ ଅବସରରେ ପାରସ୍ପରିକ ସହଯୋଗରେ କିଭଳି ଆମ କଳା, ସଂସ୍କୃତି, ପରଂପରାର ବିକାଶ ତଥା ଉତ୍ତରୋତ୍ତର ଉନ୍ନତି ଏବଂ ସାଂସ୍କୃତିକ ବାତାବରଣ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ସେ ଦିଗରେ ଆଗକୁ କି ପ୍ରକାର ପଦକ୍ଷେପ ନିଆଯାଇପାରିବ ଆଲୋଚନା ହେବା ସହ ଅତିଥିମାନଙ୍କ ଦ୍ୱାରା ମତ ପ୍ରକାଶ ପାଇଛି । ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଚାନ୍ଦ, ଜବାହାରଲାଲ ନନ୍ଦ, ଅଜୟ ଅମର ସିଂହଦେଓ ତଥା ନଳିନୀ ସିଂହ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ । ପରିଶେଷରେ ନୂତନ ସଂପାଦକ ଶ୍ରୀ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।




# ପୁଇଁନ୍ତଲା ଲୋକକଳା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ପ୍ରତିଯୋଗିତା

ବଲାଙ୍ଗିର, (ନିପ୍ର) : ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁଇଁନ୍ତଲା ଲୋକକଳା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପ୍ରାତଃରେ ପୁଇଁନ୍ତଲା ଗ୍ରାମସ୍ଥିତ ପୋଖରୀରେ ଡଙ୍ଗା ଭଷାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଭଷାଣୀ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ସମେତ ପୁଇଁନ୍ତଲା ଗ୍ରାମବାସୀ ଉପସ୍ଥିତ ଥିଲେ । ସକାଳ ୭ଟାରୁ ୯ଟା ମଧ୍ୟରେ ପୁଇଁନ୍ତଲା ଗ୍ରାମରେ ଝୋଟିଚିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗାଁର ମହିଳାମାନେ ନିଜ ନିଜ ଘର ବାହାରେ ଝୋଟିଚିତା ଅଙ୍କନ କରିଥିଲେ । ଏତଦ୍‌ବ୍ୟତୀତ ଗ୍ରାମବାସୀମାନେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପଲକ୍ଷେ ନିଜ ଘର ଚାରିପାଖକୁ ସଫା ସୁତୁରା କରିଥିଲେ । ପରେ ପୁଇଁନ୍ତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ହୁଳହୁଳି, ପିଠାପଣା ଓ ଓଡ଼ିଆଣୀ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପଲକ୍ଷେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର କୁମାର ମହାପାତ୍ର ମୁଖ୍ୟ ଅତିଥି, ପୁଇଁନ୍ତଲା ପଂଚାୟତ ସମିତିର ଅଧ୍ୟକ୍ଷା ଜମୁନା ବିଶ୍ୱାଳ, ବିଡ଼ିଓ ଯୁଧିଷ୍ଠିର ନାୟକ, ନାଟ୍ୟଭୂଷଣ ଛୁରିଆ, ଗୁରୁଶ୍ରୀ ଡ. ଘାସୀରାମ ମିଶ୍ର, କାଳୀପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ଓ.ଏସ୍‌ଡ଼ି. ତଥା ପୂର୍ବତନ ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସୁରେନ୍ଦ୍ର ଗରୁଡ଼, କୁମରମଣି ସେଠ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ତ୍ତିକ ପୂର୍ଣ୍ଣିମା ପାଳନର ମହାତ୍ମ୍ୟ ଓ ଲୋକକଳା ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରେ ଝୋଟିଚିତା, ସ୍ୱଚ୍ଛ ପରିବେଶ (ଘର), ହୁଳହୁଳି, ପିଠାପଣା, ଓଡ଼ିଆଣୀ ବେଶ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଶ୍ରୀ ଗରୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସେଠାରେ ଘୁଂଗୁରୁ କଳା ପରିଷଦ ପୁଇଁନ୍ତଲା ଦ୍ୱାରା ମନୋଜ୍ଞ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦିଲୀପ କୁମାର ସିଂହଦେଓ, ବାସୁଦେବ ମେହେର, ଜବାହରଲାଲ ନନ୍ଦ, କସ୍ତୁରୀ ରଥ, ସବିତା ମହରା ଓ ଅନୁପ୍ରିୟା ମିଶ୍ର ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ପୁଇଁନ୍ତଲା ଲୋକକଳା ଗ୍ରାମର ଗ୍ରାମବାସୀମାନେ ଯୋଗଦେଇଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu